Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୪୬, ଭୁବନେଶ୍ୱର, ସେପ୍ଟେମ୍ବର ୩୦-ଅକ୍ଟୋବର-୦୬, ୨୦୨୪, Vol: 1, Issue: 46, Bhubaneswar, September 30-October-06, 2024

# ସରକାର: ସବୁଜ VS ନାରଙ୍ଗୀ ଯୋଜନା

## କଣ ଥିଲା ପ୍ରତିଶ୍ରୁତି ? କଣ ହେଇଛି ପାଳନ ? ?

**ପ୍ରସ୍ତୁତି: ଅର୍ପିତା ମିଶ୍ର**

ଅଧୁନା ଓଡ଼ିଶା ରାଜନୀତି ଏକ ରୋମାଞ୍ଚକର ଦିଗ ଆଡକୁ ଗତି କରିବାରେ ଲାଗିଛି। ଦୀର୍ଘ ୨୪ବର୍ଷ ପରେ ରାଜ୍ୟରେ ସରକାର ବଦଳିବା ସହିତ, ଶାସନ ପରିଚାଳନା ଏବଂ ପ୍ରଶାସନର କାର୍ଯ୍ୟକାରିତା ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଓଡ଼ିଶାର ଜନତା ଅନେକ ଆଶା, ଆକାଂକ୍ଷା ମନରେ ଭରି ୨୪ବର୍ଷର ସରକାର ବିଜୁ ଜନତା ଦଳ ଉପରୁ ଆସ୍ଥା ହରାଇ ଭାରତୀୟ ଜନତା ପାର୍ଟିକୁ ବିଶ୍ୱାସର ସହିତ ଭୋଟଦେଇ ଜୟଯୁକ୍ତ କରାଇଛନ୍ତି। ଆଶା ରହିଛି କି, ବିଜେଡି ପରି ବିଜେପି ସରକାର ମଧ୍ୟ ଲୋକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ସୁବିଧା ସୁଯୋଗ ଭେଟିଦେବ। ରାଜ୍ୟରେ ସରକାର ଗଠନକୁ ପାଖାପାଖି ୪ମାସ ହେଲାଣି କିନ୍ତୁ ଲୋକଙ୍କ ଆବଶ୍ୟକ ମୁତାବକ କାର୍ଯ୍ୟ ଦେଖିବାକୁ ମିଳୁନି। ସରକାରଙ୍କ ନୂଆ ଯୋଜନା ଅପେକ୍ଷାରେ ଥିବା ରାଜ୍ୟବାସୀଙ୍କ ପାଇଁ ବିଜେପି ସରକାର କେବଳ ପୂର୍ବ ଯୋଜନାର ନାଁ ଆଉ ରଙ୍ଗ ବଦଳାଇ ଲଲିପପ ଧରାଇଦେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ଗମନାଗମନ, ମହିଳା ସଶକ୍ତିକରଣ ଆଦି ଅନେକ କ୍ଷେତ୍ରରେ ବିକାଶର ସୁନେଲି ସପନ ଦେଖିଥିବା ଜନତାଙ୍କ ଆଶା କ୍ରମେ ନିରାଶାରେ ପରିଣତ ହେବାକୁ ଲାଗିଲାଣି। ପ୍ରଥମ ମାସରୁ ହିଁ ନୈରାଶ୍ୟଜନକ ବଜେଟ ଉପସ୍ଥାପନ ଏବଂ ପ୍ରଚାର ବେଳେ ଦେଇଥିବା ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ନକରିବା, ଲୋକଙ୍କ ମଧ୍ୟରେ ଅସନ୍ତୋଷକୁ ବୃଦ୍ଧି କରୁଛି। ଲୋକଙ୍କ ମନରେ ଏବେ ବିଭିନ୍ନ ପ୍ରଶ୍ନ ଉଠୁଛି। ସଭିଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ବିତରଣ ଠାରୁ ନେଇ ସୁଭଦ୍ରା ଯୋଜନା ମାଧ୍ୟମରେ ପ୍ରତି ମହିଳାଙ୍କୁ ୫୦ହଜାର ଟଙ୍କା ପ୍ରଦାନ, ଚାଷୀଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଲକ୍ଷପତି ଦିଦି ସୃଷ୍ଟି, ପ୍ରତି ମହିଳାଙ୍କୁ ମାସକୁ ୧ହଜାର ଟଙ୍କା ପ୍ରଦାନ, ରତ୍ନଭଣ୍ଡାର ଯାଞ୍ଚ ଏପରି ଅନେକ ପ୍ରତିଶ୍ରୁତି ଦେଇ ଓଡ଼ିଶାରେ କ୍ଷମତାକୁ ଆସିଥିବା ବିଜେପି ସରକାର କଣ ସତରେ ଦେଇଥିବା କଥାକୁ ପୂରଣ କରୁଛି ? ଏହା କହିବାର ତାତ୍ପର୍ଯ୍ୟ ବୁଝନ୍ତୁ। ଓଡ଼ିଶାରେ ବିଜେପି ସରକାର ଗଢିବାର ଠିକ ପରେ ପରେ ପ୍ରଥମେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଗଲା ଯାହା ପ୍ରତି ମହଲରେ ସ୍ୱାଗତଯୋଗ୍ୟ ରହିଲା କିନ୍ତୁ ମନ୍ଦିର ଭିତରେ ଅବ୍ୟବସ୍ଥା ଲାଗି ରହିବା କାରଣରୁ ଲୋକେ ଅସନ୍ତୁଷ୍ଟ ହେଲେ। ଦ୍ୱିତୀୟରେ ରଥଯାତ୍ରାରେ ଅନେକ ବିଭ୍ରାଟ ଘଟିଲା। ଦଳଚକଟା ଠୁ ନେଇ ବଡଠାକୁର ପଡିବା, ମହାପ୍ରସାଦ ଫିଙ୍ଗା ଫୋପଡ଼ା, ରାତିରେ ରଥଟଣା ଆଦି ଅନେକ ଅବ୍ୟବସ୍ଥା ହେତୁ ଲୋକଙ୍କ ପ୍ରିୟପାତ୍ର ହୋଇ ପାରିଲାନି ବିଜେପି ସରକାର। ତୃତୀୟରେ ମାଗଣା ବିଜୁଳି ପ୍ରତିଶ୍ରୁତିରୁ ଓହରିଲେ ସରକାର। ସୋଲାର ପାୱାର ସଂଯୋଗୀକରଣର ବାହାନା ଦେଖାଇ, ପ୍ରଚାର ବେଳେ ଦେଇଥିବା ପ୍ରତିଶ୍ରୁତିକୁ ମିଥ୍ୟା ପ୍ରମାଣିତ କରି ଜନତାଙ୍କ ଅସନ୍ତୋଷକୁ ବୃଦ୍ଧି କରିଲେ। ଚତୁର୍ଥରେ ବହୁ ଦିନରୁ ଅପେକ୍ଷାରତ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଗଲା, ଭଣ୍ଡାର ସ୍ଥାନାନ୍ତର କରିବାକୁ ଦେଢ ମାସ ପୁରିଲାଣି କିନ୍ତୁ ଏପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ନହେବା ଏବଂ ରିପୋର୍ଟ ସାର୍ବଜନୀନ ନହେବା ଦ୍ୱାରା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ହେଲା। ପଞ୍ଚମରେ ରାଜ୍ୟର ପ୍ରତି ମହିଳାଙ୍କୁ ମିଳିବାକୁ ଥିବା ସୁଭଦ୍ରା ଯୋଜନାର ଲାଭରୁ ଅନେକଙ୍କୁ ବାଦ ଦେବାର କଠୋର ନିଷ୍ପତ୍ତି, ରାଜ୍ୟବାସୀଙ୍କ ଅସନ୍ତୋଷକୁ ବୃଦ୍ଧି କରାଇଲା। ଶେଷରେ ରାଜ୍ୟର ସମସ୍ତ ଭତ୍ତାଧାରୀଙ୍କୁ ୩୫୦୦ଟଙ୍କା ଭତ୍ତା ପ୍ରଦାନର ପ୍ରତିଶ୍ରୁତିରୁ ଓହରି, କେବଳ ୮୦ବର୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଦେବାର ନିଷ୍ପତ୍ତି ରାଜ୍ୟର ବରିଷ୍ଠ ନାଗରିକଙ୍କୁ ଅସନ୍ତୁଷ୍ଟ କରିଛି।

ଏସବୁ ବ୍ୟତୀତ ବିଜେଡି ସରକାର ସମୟରେ ପ୍ରଚଳିତ ଅନେକ ଯୋଜନାର କେବଳ ନାଁ ପରିବର୍ତ୍ତନ କରାଗଲା। ଉଦାହରଣ ସ୍ୱରୂପ ଆହାର, ବିଏସକେୱାଇ, ମୋ ସ୍କୁଲ, ଆମ ଓଡ଼ିଶା ନବୀନ ଓଡ଼ିଶା, କାଳିଆ, ମେକ ଇନ ଓଡ଼ିଶା, ଓଡ଼ିଶା ମିଲେଟ ମିଶନ, ବିଜୁ ସେତୁ ଏପରି ୪୦ରୁ ଉର୍ଦ୍ଧ୍ୱ ଯୋଜନାର କେବଳ ନାମ ପରିବର୍ତ୍ତନ କରାଗଲା। ନୂଆକିଛି କହିବାକୁ ଗଲେ କେବଳ କରାଯାଇଛି 'ସୁଭଦ୍ରା' ଯୋଜନା। ଯାହାକି, ମହିଳା ସଶକ୍ତିକରଣ ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ବିଜେପି ସରକାର ଦାବି କରିଛି। କିନ୍ତୁ ସତରେ କଣ ଏହା ମହିଳାଙ୍କ ବିକାଶରେ ସାହାଯ୍ୟ କରିବ ତାହା ଏବେ ଏକ ବଡ଼ ପ୍ରଶ୍ନ। ରାଜ୍ୟ ସାରା ସୁଭଦ୍ରା ଯୋଜନାର ପୋଷ୍ଟର ଲାଗିଛି, ଯେଉଁଥିରେ ସ୍ପଷ୍ଟ ଲେଖାଯାଇଛି 'କଥା ଦେଇ କଥା ରଖିଲେ ସରକାର'। ଏହି ଉକ୍ତିର ଯଥାର୍ଥତା ଏବଂ ସତ୍ୟତା କେତେଦୂର ସତ୍ୟ ତାହା ଯଦି ଜାଣିବାକୁ ଚେଷ୍ଟାକରିବା ତେବେ ଅନେକ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିବ। ଦୁଇ ବର୍ଷରେ ଥରେ ରାଜ୍ୟର ପ୍ରତି ମହିଳାଙ୍କୁ ୫୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିଥିବା ବେଳେ, ଏବେ ବର୍ଷକୁ ୨ଟି କିସ୍ତିରେ ୧୦ହଜାର ଅର୍ଥାତ ୫ବର୍ଷରେ ୫୦ହଜାର ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହିତ ରାଜ୍ୟର ପ୍ରାୟ ଦେଢ଼ କୋଟି ମହିଳା ଏହି ଯୋଜନାରୁ ବାଦ ପଡିବେ ବୋଲି ମଧ୍ୟ ଚଳିତ ବଜେଟରେ ସ୍ପଷ୍ଟ କରାଯାଇଛି। ଏହି ମଧ୍ୟରେ ଆଉଏକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଡିଜିଟାଲ ଇଣ୍ଡିଆର ନାରା ଦେଉଥିବା ବିଜେପି ସରକାର ଆଜିର ଆର୍ଟିଫିସିଆଲ ଇଣ୍ଟେଲିଜେନସି ଯୁଗରେ ସୁଭଦ୍ରା ଆବେଦନ ପାଇଁ ଅଫଲାଇନ ବ୍ୟବସ୍ଥା କରିଛନ୍ତି। ଅନେକ ସ୍ଥାନରେ ସର୍ଭର କଟିବା ସହିତ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡା ହେବାକୁ ପଡୁଛି। ଏସବୁ ସତ୍ତ୍ୱେ ମଧ୍ୟ, ସୁଭଦ୍ରା ଯୋଜନାକୁ ନେଇ ରାଜ୍ୟର ମହିଳାଙ୍କ ମଧ୍ୟରେ ଥିବା ଉତ୍ସାହ କମିନି। ଇତି ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ତେଣୁ ବ୍ୟବସ୍ଥା ଯେପରି ବି ହେଉ, ଯୋଜନାର ହିତାଧିକାରୀ ହେବାପାଇଁ ସରକାରଙ୍କ ସମସ୍ତ ସର୍ତ୍ତ ପୂରଣ କରିବାକୁ ରାଜ୍ୟବାସୀ ଚଳଚଞ୍ଚଳ ହୋଇପଡିଛନ୍ତି। ଏସବୁ ମଧ୍ୟରେ, ଚା ଖଟି ଠୁ ନେଇ ଚୁଲି ମୁଣ୍ଡ ପର୍ଯ୍ୟନ୍ତ ସବୁଠି ଗୋଟିଏ ଚର୍ଚ୍ଚା ହେଉଛି ବିଜେପିକୁ ଭୋଟଦେଇ ଭୁଲ ହୋଇଗଲା କି ? ଆଶାକରୁଛୁ, ଓଡ଼ିଶା ସରକାର ଏସବୁ ପ୍ରତି ଧ୍ୟାନଦେଇ, ଶାସନ ବ୍ୟବସ୍ଥା ଉପରେ ଥିବା ଲୋକଙ୍କ ବିଶ୍ୱାସକୁ ବଳବତ୍ତର ରଖିବାକୁ ଚେଷ୍ଟାକରିବେ। ନହେଲେ ଜନସାଧାରଣ ମୁହଁ ଫେରାଇନେବାକୁ ଆଦୌ ଡେରି କରିବେନି।



# ସଂ ପା ଦ କୀ ୟ

## ଭଲ-ମନ୍ଦର ଭାବନା

ସାମ୍ପ୍ରତିକ ପରିସ୍ଥିତିରେ ଆମେ ସମସ୍ତେ ବ୍ୟସ୍ତ। ଜୀବନ ଯମୁନାରେ ଜୁଆର ଆସିଲା ଭଳି ନିଜର କର୍ମମୟ ଜୀବନରେ ଆମେ ଏହିଭଳି ବ୍ୟସ୍ତ ରହିଥାଉ ଯେ ଅନ୍ୟ କାହାରି କଥା ଚିନ୍ତା କରିବାକୁ ଆମ ପାଖରେ ସମୟ ନଥାଏ। ବିଶେଷକରି ଆଧୁନିକତାର ଦ୍ୱାହି ଦେଇ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ସହରାଞ୍ଚଳରେ ବାସବାସ କରୁଥିବା ଲୋକମାନଙ୍କ ପାଖରେ ତ ସମୟର ଘୋର ଅଭାବ। ରାଜଧାନୀରେ ରେଷ୍ଟୁରାଂଟ, ଟ୍ରାଫିକ, ମଲ୍, ମାର୍କେଟ, ଡାକ୍ତରଖାନା, ମେଳା, ମହୋତ୍ସବ, ସପିଙ୍ଗ ମଲ୍ ଆଦିରେ ଯେମିତି ଭିଡ଼ ଦେଖିବାକୁ ମିଳୁଛି, ମନେହୁଏ, ରାଜଧାନୀବାସୀଙ୍କ ପାଖରେ ଯେମିତି ସମୟ ଅମୂଲ୍ୟ ହୋଇପଡ଼ିଛି। କେହି ସମୟ ଅପଚୟ କରିବାକୁ ନାରାଜ। ସମସ୍ତେ ସମୟକୁ ନେଇ ବେଶ୍ ତତ୍ପର। ମୋଟାମୋଟି ଭାବରେ ଦେଖିଲେ ସମୟ ଆଗରେ ଆଧୁନିକ ଯୁଗର ମଣିଷ ନିସହାୟ। ଆଜିର ଅତ୍ୟାଧୁନିକ ଜୀବନଶୈଳୀ ଓ କର୍ମମୟ ଜୀବନର ବ୍ୟସ୍ତତା ମଣିଷକୁ ରୋଗଗ୍ରସ୍ତ କରିଦେଲେ ମଧ୍ୟ ଏହାକୁ ଏଡ଼ାଇବା ବୋଧହୁଏ ସମ୍ଭବ ନୁହେଁ। ଏତେ ସବୁ ବ୍ୟସ୍ତତା ମଧ୍ୟରେ ଆମ ପାଖରେ ମନ୍ଦ ଭାବିବାକୁ ଅନେକ ସମୟ ଅଛି; କିନ୍ତୁ ଭଲ ଭାବିବାକୁ ବେଳ ନାହିଁ। ଅସହିଷ୍ଣୁତା ଓ ପରଶ୍ରୀକାତରତାର ବଶବର୍ତୀ ହୋଇ ମଣିଷ ସର୍ବଦା ଅନ୍ୟ ସହ ନିଜକୁ ତୁଳନା କରେ। ଏହା ମଣିଷକୁ ପ୍ରତି ମୁହୂର୍ତରେ ଜାଳିଥାଏ। ଅନ୍ୟର ଉନ୍ନତିକୁ ସହ୍ୟ କରି ନ ପାରି ପରଚର୍ଚ୍ଚାରେ ନିଜର ଅମୂଲ୍ୟ ସମୟକୁ ବିତେଇଥାଏ। ଅହଙ୍କାର, ଲୋଭ, କ୍ରୋଧ, କାମନା, ବାସନା ତଥା ପ୍ରତିଯୋଗିତାମୂଳକ ଭାବନା ମଣିଷକୁ ବିପଥଗାମୀ କରେ। ଅନ୍ୟର ସଫଳତାକୁ ସହ୍ୟ କରି ନ ପାରିବା ଭାବ ବଢ଼ିଯିବା ଯୋଗୁଁ ମଣିଷ ଅନ୍ୟର ମନ୍ଦ ଚିନ୍ତା କରୁଥାଏ। ସମୟ ଅଭାବ ଥିଲେ ମଧ୍ୟ ଯେତେବେଳେ ଅନ୍ୟକୁ ସମାଲୋଚନା କରିବାର କଥା ଆସେ ସେତେବେଳେ ଆମକୁ ଢେର ସମୟ ମିଳିଯାଏ। ଫଳରେ ଆମେ ଆମ ନିଜର ଦୁର୍ବଳତାକୁ ଆଡ଼େଇ ଦେଇ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଉ, ଅନ୍ୟର ଦୋଷ ଦେଖିଥାଉ। ଦୁର୍ଭାଗ୍ୟବଶତଃ, ଯଦି କେବେ କର୍ମମୟ ଜୀବନରୁ ଟିକେ ଫୁରୁସତ୍ ମିଳିଯାଏ, ତେବେ ଆରମ୍ଭ ହୋଇଯାଏ ପରଚର୍ଚ୍ଚା। ଅନ୍ୟପ୍ରତି ପ୍ରେମ ଭାବ ଜାଗ୍ରତ ହେବା ପରିବର୍ତେ ହିଂସାତ୍ମକ ମନୋଭାବ ପୋଷଣ କରି ଅନିଷ୍ଟ କରିବା ପାଇଁ ଆମେ ପ୍ରସ୍ତୁତ ହୋଇଯାଉ। ପ୍ରଶ୍ରୟ ପାଇଲେ ମୁଣ୍ଡରେ ଚଢ଼ିବା, ନିଜେ ଉପରକୁ ଉଠିବା ପାଇଁ ଅନ୍ୟ କାନ୍ଧର ସାହାରା ନେବା ଏବଂ ଉପରକୁ ଉଠି ସାରିଲେ ଅନ୍ୟକୁ ଗୋଇଠା ମାରିବା ଯେମିତି ଆମର ନିତିଦିନିଆ ଅଭ୍ୟାସ ହୋଇଗଲାଣି। ଜୀବଜଗତରେ ପ୍ରାଣୀମାନଙ୍କର ପାଞ୍ଚଗୋଟି ଇନ୍ଦ୍ରିୟ ଥିଲାବେଳେ ମଣିଷ ପାଖରେ ଛଅ ଗୋଟି ଇନ୍ଦ୍ରିୟ ଅଛି। ଏହି ଷଷ୍ଠ ଇନ୍ଦ୍ରିୟଟି ହେଉଛି ଚେତନାର ଇନ୍ଦ୍ରିୟ। ହେ ମାନବ ଜାତି ! ବିଶ୍ୱ ନିୟନ୍ତା ତୁମକୁ ବୁଦ୍ଧି, ଜ୍ଞାନ, ବିବେକ ଓ ଇନ୍ଦ୍ରିୟ ଆଦି ପ୍ରଦାନ କରି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରିଛନ୍ତି। ନିଜ ଷଷ୍ଠ ଇନ୍ଦ୍ରିୟ(ଚେତନାର ଇନ୍ଦ୍ରିୟ) ଦ୍ୱାରା ପ୍ରାଣିଜଗତର ସୁରକ୍ଷା କରିବା, ଈଶ୍ୱରଙ୍କ ସତାକୁ ଅନୁଭବ କରିବା, ଈଶ୍ୱରଙ୍କ ସୃଷ୍ଟିର ସୁରକ୍ଷା କରିବା, ଭୁଲ୍ ଠିକ୍‌ର ବିଚାର କରିବା, ମୁଁ କିଏ, କ'ଣ କରୁଛି, କୁଆଡ଼େ ଯାଉଛି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ମଣିଷ ଉପରେ ଈଶ୍ୱର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। କିନ୍ତୁ ଅବିବେକୀ ମଣିଷ ନିଜର ଏହି ଇନ୍ଦ୍ରିୟର ନକାରାତ୍ମକ ପ୍ରୟୋଗ କରି ନିଜକୁ ବିପଥଗାମୀ କରିବା ସହ ସମଗ୍ର ଜୀବଜଗତର କ୍ଷତି ସାଧନ କରୁଛି, ଯାହାକି କେବେ ଗ୍ରହଣୀୟ ନୁହେଁ। ଇନ୍ଦ୍ରିୟର ସଂଯମ ରକ୍ଷା ନକରି ପାରି ସୁ-ଚିନ୍ତା କରିବାର ପ୍ରକୃଷ୍ଟ ସମୟକୁ ନଷ୍ଟ କରି ଅନ୍ୟର ମନ୍ଦ ଚିନ୍ତା କରିବାରେ ବିନିଯୋଗ କରୁଛି। ବ୍ୟକ୍ତିର ବ୍ୟକ୍ତିତ୍ୱ ତା'ର ଚିନ୍ତା ଓ ଚେତନା ଉପରେ ନିର୍ଭର କରେ। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବରେ ମଣିଷ ତା'ର ଚିନ୍ତାଧାରାରେ ପରିବର୍ତନ ଆଣିବା ନିହାତି ଜରୁରୀ। ଅନେକ ସମୟରେ ଏହା ଦେଖାଯାଇଛି ଯେ ବେକାର ହୋଇ ବସି ରହିବା ଦ୍ୱାରା ମନ ମଧ୍ୟରେ ଅନେକ କୁଭାବନା ଆସିଥାଏ, ଯାହା ତା'କୁ କୁପଥଗାମୀ କରିଥାଏ। ଏକ କାର୍ଯ୍ୟରତ ମଣିଷ ଅପେକ୍ଷା ବେକାରମାନଙ୍କର ଚିନ୍ତାଧାରା ସମାଜ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଭାବନା ଦ୍ୱାରା ଆମେ କୌଣସି କାର୍ଯ୍ୟକୁ ଜୟ କରିପାରିବା, କିନ୍ତୁ ଭାବନାର ସାମାନ୍ୟ ପରିବର୍ତନ ତଥା ନକାରାତ୍ମକ ଚିନ୍ତାଧାରା ଏକ ବ୍ୟକ୍ତିକୁ ଲକ୍ଷ୍ୟଚ୍ୟୁତ କରାଇଥାଏ। ଅର୍ଥ ପିପାସୁ ହୋଇ ମଣିଷ ତା'ର ଜୀବନରେ ଅନେକ ମହାଧନକୁ ଅଜ୍ଞାତରେ ପଦାନତ କରୁଛି। ଉଚ୍ଚଶିକ୍ଷିତ ହେଲେ ମଧ୍ୟ ଜ୍ଞାନର ଅଭାବ ଯୋଗୁଁ ମଣିଷ ତା'ର ହିତାହିତ ଜ୍ଞାନ ଭୁଲିଯାଉଛି। ଅବସର ସମୟରେ ନିଜ ଭିତରେ ଥିବା ଅନ୍ତର୍ନିହିତ ଜ୍ଞାନକୁ ଖୋଜିବା ସହ ନିଜର ଉନ୍ନତ ଭାବନା ଓ ସୁଚିନ୍ତାଧାରା ମାଧ୍ୟମରେ ସମାଜର କିଭଳି ହିତ ସାଧନା ହେବା ତା' ଉପରେ ଦୃଷ୍ଟି ଦେବା ନିହାତି ଜରୁରୀ। ଜୀବନର ବ୍ୟସ୍ତତା ଭିତରେ କେବେ ସୁଖର ଜୁଆର ଆସିଥାଏ ତ କେବେ ପୁଣି ଦୁଃଖର କଳାବାଦଲ ଘୋଟି ଆସେ। ଦୁଃଖ ସମୟରେ ଭାଙ୍ଗି ନପଡ଼ି କିମ୍ବା ସୁଖ ସମୟରେ ଉଲ୍ଲସିତ ନହୋଇ ଜୀବନର ପ୍ରତିଟି ମୁହୂର୍ତ ଉପଭୋଗ କରିବା ଜରୁରୀ। ଠିକ୍ ସେମିତି ଆମକୁ ମନେ ରଖିବାକୁ ହେବ ଯେ ଖାଲି ବ୍ୟସ୍ତ ରହିଲେ ତା'ର କିଛି ମାନେ ନଥାଏ, ଯଦି କାର୍ଯ୍ୟର ଗୁଣ ଓ ଦିଗ ଠିକ୍ ନଥାଏ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଶ୍ରୀଜଗନ୍ନାଥ ସଂସ୍କୃତିରେ ଦଶହରା



ଡ. ରାଜଲକ୍ଷ୍ମୀ ଜେନା
ଧର୍ମଶାସ୍ତ୍ର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା


ଭାଦ୍ରବ ଶୁକ୍ଳ ଅଷ୍ଟମୀ ଠାରୁ ଜଗଦ୍‌ଜନନୀ ମା' ଦୁର୍ଗା ଶୟନ କରିଥାନ୍ତି ଏବଂ ଆଶ୍ୱିନ କୃଷ୍ଣଅଷ୍ଟମୀ ରେ ଉତ୍‌ଥାପନ କରିଥାନ୍ତି। ଏଣୁ ଦେବୀ ନିଦ୍ରାରୁ ଉତ୍‌ଥାପନ ପରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ(ମୂଳାଷ୍ଟମୀ) ଦିନ ଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଏହି ଷୋହଳ ଦିନ (ଏକ ଦିନ ଦେବୀଙ୍କର ବିଶ୍ରାମ ବ୍ୟତୀତ) ଶାରଦୀୟ ଦୁର୍ଗାପୂଜାର ସ୍ୱତନ୍ତ୍ର ପୂଜା ବିଧି ଅନୁଷ୍ଠିତ ହୋଇଥାଏ। ତେଣୁ ଏହି ଷୋହଳ ଦିନର ପୂଜାକୁ ଷୋହଳପୂଜା ବା ଭାଷାନ୍ତରେ ଷୋଳପୂଜା ବୋଲି କୁହାଯାଏ। ଯଦ୍ୟପି ଉତ୍କଳର ପୁର ପଲ୍ଲୀରୁ ଆରମ୍ଭ କରି ଭାରତର ଅନେକ ସ୍ଥାନରେ ମା' ଦୁର୍ଗା ଦେବୀଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୁଏ, ଦୁର୍ଗାପୂଜାର ଆଦ୍ୟ ସ୍ଥଳ ଶ୍ରୀମନ୍ଦିରରେ ଏହି ପୂଜା ଏକ ସ୍ୱତନ୍ତ୍ର ବିଧିରେ ପାଳନ କରାଯାଏ। ଏହି ଷୋହଳଦିନ ଶ୍ରୀଜଗନ୍ନାଥ ଏବଂ ଶ୍ରୀକ୍ଷେତ୍ରାଧିଶ୍ୱରୀ ମା' ବିମଳାଙ୍କୁ ଏକତ୍ର ପୂଜା କରାଯାଇଥାଏ। ଏହା ଦୁର୍ଗା ମାଧବ ଉପାସନା ଅଟେ। କାରଣ ବିମଳା ହିଁ ଦୁର୍ଗା ରୂପେ ପୂଜିତ। ଶ୍ରୀକ୍ଷେତ୍ରରେ ବିମଳା ଭୈରବୀ ଏବଂ ଜଗନ୍ନାଥ ଭୈରବ ଅଟନ୍ତି। "ବିମଳାସା ମହାଦେବୀ ଜଗନ୍ନାଥସ୍ତୁ ଭୈରଭଃ" (ତନ୍ତ୍ର ଚୂଡ଼ାମଣି)। ପୁନଃଶ୍ଚ ମହାନିର୍ବାଣ ତନ୍ତ୍ର ମତରେ ଶ୍ରୀଜଗନ୍ନାଥ ଓ ଦୁର୍ଗା ଏକ ଅଟନ୍ତି। "ନିଳାଦ୍ରୌ ଜଗନ୍ନାଥ ସାକ୍ଷାତ ଦକ୍ଷିଣ କାଳିକା।" ଶ୍ରୀଜଗନ୍ନାଥଙ୍କ କୈବଲ୍ୟ ସେବନ କରୁଥିବାରୁ ଦୁର୍ଗା ଏଠି ବିମଳା ନାମରେ ପୂଜିତ ହୁଅନ୍ତି। "ବିମଳା ଭବିତା ନାମ୍ନା ହରିକୈବଲ୍ୟ ମୋଦିତା" ଆଦି ତଥ୍ୟ ପୁରାଣରେ ବର୍ଣ୍ଣିତ ଅଛି। ଶ୍ରୀକ୍ଷେତ୍ରରେ ବିମଳାଙ୍କ ମନ୍ଦିର ଶ୍ରୀମନ୍ଦିରର ନୈରୁତ କୋଣରେ ଅବସ୍ଥିତ। ଏହି ଷୋହଳ ଦିନାତ୍ମକ ପୂଜାରେ ଦେବୀ ବିମଳା ଏଗାରଟି ବେଶ ଯଥା- ବନଦୁର୍ଗା ବେଶ, ଭୁବନେଶ୍ୱରୀ ବେଶ, ନାରାୟଣୀ ବେଶ, ବଗଳା ବେଶ, ଜୟଦୁର୍ଗା ବେଶ, ଉଗ୍ରତାରା ବେଶ, ମାତଙ୍ଗିନୀ ବେଶ, ଦଶଭୁଜା ବେଶ, ରାଜରାଜେଶ୍ୱରୀ ବେଶ, ହରଚଣ୍ଡୀ ବେଶ ଓ ସିଂହବାହିନୀ ବେଶରେ ପୂଜା ପାଇଥାନ୍ତି।


ଶ୍ରୀମନ୍ଦିରରେ ଏହି ଷୋଳପୂଜା ବିଧି ଆଠଦିନ ଲେଖାଏଁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଷୋଳପୂଜା ନିମିତ୍ତ ଗଜପତି ମହାରାଜା ଗୁଆ ନଡ଼ିଆ ଦେଇ ବ୍ରାହ୍ମଣବରଣ କରିଥାନ୍ତି। ଦୁର୍ଗାପୂଜା ପାଇଁ ଦେବୀ ଶୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରାଯାଇ ଅଜ୍ଞାମାଳ ଲାଗି କରାଯାଏ। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ଦକ୍ଷିଣ ଗୃହରୁ ସ୍ୱର୍ଣ୍ଣ ନିର୍ମିତ ଦୁର୍ଗାପ୍ରତିମାଙ୍କୁ ଅଣାଯାଇ ରତ୍ନ ସିଂହାସନରେ ବିଜେ କରାଯାଏ। ଏହାପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ମାଜଣା ମଣ୍ଡପ ଉପରେ ଦୁର୍ଗାପ୍ରତିମାଙ୍କୁ ବିଜେ କରାଯିବା ପରେ ପଣ୍ଡା, ପ୍ରତିହାରୀ, ମୁଦିରସ୍ତ ଓ ଆଚାର୍ଯ୍ୟ ମାନେ ବନଦୁର୍ଗା ମନ୍ତ୍ରଦ୍ୱାରା ସହସ୍ର କୁମ୍ଭ ବରଣ କରିଥାନ୍ତି। ଏହାପରେ ଶୀତଳ ଭୋଗ ମୁଦିରଥଙ୍କ ଦ୍ୱାରା ପ୍ରସାଦଲାଗି ଓ ପଂଚଉପଚାର ଭୋଗ ଓ ବନ୍ଦାପନା ପରେ ଭଣ୍ଡାରଦ୍ୱାରକୁ ପ୍ରତିମା ବିଜେ କରିଥାନ୍ତି। ଏହି ସମୟରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମାଧବ ଆଜ୍ଞାମାଳ ପାଇ ଦେବୀଙ୍କ ସହ ଆସି ମିଳିତ ହୋଇଥାନ୍ତି। ବିମଳାଙ୍କ ନିକଟରେ କୋଠଭୋଗ, ପିଷ୍ଟକ, ଥାଳି ଖେଚୁଡ଼ି ମଣୋହି ଆଦି ଷୋଡ଼ଶଉପଚାରରେ ପୂଜା ଆଳତି ଓ ବନ୍ଦାପନା ପରେ ଦୁର୍ଗାମାଧବ ପାଲିଙ୍କିରେ ବିମଳାଙ୍କ ମନ୍ଦିରକୁ ବିଜେ କରି ଜଗମୋହନରେ ପଲଙ୍କ ବିଜେ କରନ୍ତି। ତାପରେ ଶୀତଳଭୋଗ ଓ ବନ୍ଦାପନା ହୋଇଥାଏ। ବିମଳାଙ୍କ ତିନି ଧୂପ ଓ ଶ୍ରୀଜଗନ୍ନାଥଙ୍କ ରାତ୍ର ଚନ୍ଦନଲାଗି ପରେ ବିମାନବଡୁ ମାନେ ବିମାନରେ ଦୁର୍ଗାମାଧବଙ୍କୁ ନେଇ ମହାଜନ ସେବକ ମାନେ ଦୁର୍ଗାମାଧବଙ୍କୁ ଭଣ୍ଡାରଘରଦ୍ୱାର (ବାହାର ଭଣ୍ଡାର)କୁ ବିଜେ କରାନ୍ତି ଏବଂ ସେଠାରେ ଦୁର୍ଗାମାଧବଙ୍କୁ ଏକତ୍ର ପଲଙ୍କରେ ବିଜେ କରାଯାଏ। ଏହିପରି ଆଶ୍ୱିନ କୃଷ୍ଣ ଅଷ୍ଟମୀ ଠାରୁ ଆଠଦିନ ଯାଏ କରାଯାଇଥାଏ।

ଏହାପରେ ପରବର୍ତୀ ଆଠଦିନ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଦୁର୍ଗାମାଧବ ଏକତ୍ର ଶ୍ରୀମନ୍ଦିର ସମ୍ମୁଖ ଦୋଳମଣ୍ଡପସାହି ସ୍ଥିତ ନାରାୟଣୀ ମଣ୍ଡପକୁ ବିଜେ କରନ୍ତି। ଏହା ଶାକ୍ତଗୁଣ୍ଡିଚା ବା ଗୁପ୍ତଗୁଣ୍ଡିଚା ନାମରେ ଖ୍ୟାତ। ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଜଗନ୍ନାଥ ଭାଇ ଭଉଣୀଙ୍କ ସହିତ ଜନ୍ମବେଦୀକୁ ବୁଲି ଯିବା ସମୟରେ ଲକ୍ଷ୍ମୀ ମାଆଙ୍କୁ ସାଙ୍ଗରେ ନେଇ ନଥିବାରୁ ତାଙ୍କ ପ୍ରୀତି ନିମନ୍ତେ ଶ୍ରୀଜଗନ୍ନାଥ ମାଧବ ରୂପରେ ଏବଂ ଲକ୍ଷ୍ମୀ ଦୁର୍ଗା ରୂପରେ ଶ୍ରୀମନ୍ଦିରରୁ ନାରାୟଣୀ ମଣ୍ଡପ ଯାଏଁ ଏହି ଆଠଦିନ ବ୍ୟାପି ଯାତ୍ରା କରିଥାନ୍ତି। ନାରାୟଣୀ ମଣ୍ଡପରେ ଦୁର୍ଗାମାଧବ ବିଜେ ହେବା ପରେ ସେଠାରେ ବିଗ୍ରହଙ୍କୁ ସୁବାସିତ ଜଳ, କର୍ପୁର ଲାଗି କରାଯାଏ। ମେବାଡାପଣ୍ଡାଙ୍କ ଘରୁ ଫୁଲ, ବେଲପତ୍ର, ତୁଳସୀ ଆଦି ଆସି ଲାଗି ହୋଇଥାଏ। ସଂନ୍ଧ୍ୟାଧୂପ ପରେ ମାଣ୍ଡୁଅ ଭୋଗ ପଂକ୍ତିପୂଜା ଆଦି ପରେ କର୍ପୁର ଆଳତି ଓ ଜନାର୍ଦ୍ଦନ ଧୂପ ଆଳତି ଲଗି ହୁଏ। ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ରାତ୍ର ଚନ୍ଦନ ଲାଗି ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହାପରେ ବିମାନବଡୁ ପାଲିଙ୍କିରେ ବିଗ୍ରହଙ୍କୁ ନେଇ ଭଣ୍ଡାରଘର ଦୁଆରେ(ବାହାର ଭଣ୍ଡାର) ବିଜେ କରାନ୍ତି। ଏହି ପରି ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଚାଲେ। ଆଶ୍ୱିନ କୃଷ୍ଣ ଅଷ୍ଟମୀ ଠାରୁ ଶୁକ୍ଳ ନବମୀ ଯାଏ ଏହି ଷୋହଳଦିନ(ଏକ ଦିନ ବିଶ୍ରାମ) ଦୁର୍ଗାମାଧବ ଏକତ୍ର ରୁନ୍ଧା ହୋଇ ବା ମିଳିତ ହୋଇ ରହିଥାନ୍ତି।

ଏହାପରେ ଆଶ୍ୱିନ ଶୁକ୍ଳ ଦଶମୀ ଦିନ ଦଶହରା ପର୍ବ ପାଳନ ହୋଇଥାଏ। ଏହିଦିନ ରାମକୃଷ୍ଣ, ମଦନମୋହନ ତଥା ଦୁର୍ଗାମାଧବ ବୀର ବେଶ ଧାରଣ କରି ରତ୍ନସିହାସନରେ ବିଜେ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କୁ ଦଶହରା ଉତ୍ସବ ନିମନ୍ତେ ପ୍ରାର୍ଥନା କରି ଆଜ୍ଞାମାଳ ପ୍ରାପ୍ତ ପରେ ରାମକୃଷ୍ଣ, ମଦନମୋହନ ଏବଂ ଦୁର୍ଗାମାଧବ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରିଥାନ୍ତି। ସେଠାରେ ମଝିରେ ଦୁର୍ଗାମାଧବ, ଦକ୍ଷିଣରେ ରାମକୃଷ୍ଣ ଏବଂ ବାମରେ ମଦନମୋହନ ଆସନ ଗ୍ରହଣ କରିବା ପରେ ମୁଦିରଥଙ୍କ ଦ୍ୱାରା ପ୍ରସାଦଲାଗି, ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥାଏ। ତାହା ପରେ ବିଗ୍ରହ ମାନେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରି ମାଧବ ରତ୍ନସିହାସନରେ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ, ଦୁର୍ଗା ଭଣ୍ଡାର ଗୃହରେ, ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣ ଘରେ ବିଜେ କରିଥାନ୍ତି। ଏଥି ସହିତ ଏକ ବିଶେଷ ପ୍ରଥା ହେଉଛି ମହାସପ୍ତମୀ, ମହାଅଷ୍ଟମୀ ଏବଂ ମହାନବମୀ ଏହି ତିନି ଦିନ ବିମଳାଙ୍କୁ ପଶୁବଳି ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବେ ଆମିଷ ସମର୍ପଣ କରାଯାଏ। ବର୍ଷ ତମାମ ଶ୍ରୀମନ୍ଦିର ଭିତରକୁ ଆମିଷ ପ୍ରବେଶ କରାଯାଏ ନାହିଁ। ମାତ୍ର ଷୋଳପୂଜାର ବିଶେଷ ନିତୀରେ କେବଳ ଏହି ତିନି ଦିନ ଶ୍ରୀମନ୍ଦିର ପରିସର ମଧ୍ୟକୁ ଆମିଷ ପ୍ରବେଶ କରାଯାଏ। ଏଥିପାଇଁ ଶ୍ରୀମନ୍ଦିର ବେଢ଼ା ପରିସରରେ ଥିବା ସମସ୍ତ ଦେବାଦେବୀଙ୍କ ପହଡ ନିତୀ ଶେଷ ପରେ ନିଶାର୍ଦ୍ଧରେ ଶ୍ରୀମନ୍ଦିର ନୈରୁତ କୋଣରେ ଥିବା କପାଳମୋଚନ ମନ୍ଦିର ନିକଟରେ ଏକ ସିଡି ସାହାଯ୍ୟରେ ମେଘନାଦ ପାଚେରି ଡିଆଁଇ ଶ୍ରୀମନ୍ଦିର ପରିସର ମଧ୍ୟକୁ ବଳି ପାଇଁ ଉଦିଷ୍ଟ ପଶୁ ଏବଂ ମାଛ ପ୍ରବେଶ କରାଯାଏ। ବିମଳାଙ୍କ ମନ୍ଦିର ସମ୍ମୁଖରେ ଥିବା ସିଂହ ମୂର୍ତି ସମ୍ମୁଖରେ ପଶୁବଳି ପକାଯାଇ ମାଟି ସରାରେ ରକ୍ତମିଶ୍ରିତ ଅକ୍ଷତ ନେଇ ବିମଳାଙ୍କୁ ସମର୍ପଣ କରାଯାଇଥାଏ ଏବଂ ବିମଳାଙ୍କ ମନ୍ଦିର ପଛ ପାର୍ଶ୍ୱସ୍ଥ ଏକ ସ୍ଥାନରେ ମାଛ ଖେଚୁଡି ରନ୍ଧାଯାଇ ବିମଳାଙ୍କ ନିକଟରେ ଭୋଗ ଲଗାଯାଇଥାଏ। ପରଦିନ ସକାଳୁ ଶ୍ରୀମନ୍ଦିର ପରିସର ଶୋଧ କରାଯାଇ ଯଥାରୀତି ପୂଜା କର୍ମାଦି ଚାଲେ।

ଉତ୍କଳ ଇତିହାସରୁ ଜଣାଯାଏ, ଓଡ଼ିଶାର ଗଜପତି ମହାରାଜା ରାମଚନ୍ଦ୍ରଦେବ ୧ମ(ଭୋଇ)ଙ୍କ ଶାସନ ସମୟରେ ବର୍ଦ୍ଧନରାଜଗୁରୁ 'ଦୁର୍ଗୋତ୍ସବଚନ୍ଦ୍ରିକା' ରଚନା କରି ଦୁର୍ଗାପୂଜାକୁ ସାମରିକ ଉତ୍ସବ ଭାବେ ସାର୍ବଜନୀନ କରିଥିଲେ। ଏହା ଶ୍ରୀକ୍ଷେତ୍ରାଧିଶ୍ୱରୀ ମା' ବିମଳାଙ୍କ ପୀଠରୁ ଆରମ୍ଭ କରି ଉତ୍କଳର ବିଭିନ୍ନ ଦେବୀପୀଠ ମାନଙ୍କରେ ପାଳନ କରାଗଲା। ସମଗ୍ର ଉତ୍କଳରେ ପାରମ୍ପରିକ ସାମରିକ ସଜ୍ଜାର ପୁନରୁତ୍‌ଥାନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ମହା ସପ୍ତମୀ ଠାରୁ ଉତ୍କଳର କ୍ଷତ୍ରୀୟ ପାଇକ ମାନଙ୍କର ରଣ କ୍ଷେତ୍ରରେ ବ୍ୟବହୃତ ବିଭିନ୍ନ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଗୁଡ଼ିକ ପୂଜାରେ ବସାଯାଏ ଏବଂ ଦଶହରା ଦିନ ସେ ସବୁକୁ ପୂଜାରୁ ଉଠାଇ ପାଇକ ମାନେ ରଣକୌଶଳ ପ୍ରଦର୍ଶନ କରି ରାଜାଙ୍କ ଠାରୁ ଛାମୁଶାଢ଼ୀ ପଗଡି ପ୍ରାପ୍ତ ହୋଇଥାନ୍ତି ବୋଲି ଇତିହାସରୁ ଜାଣିବାକୁ ମିଳେ। ଏହିଦିନ ଶ୍ରୀଜଗନ୍ନାଥଙ୍କ ଆୟୁଧ ସୁଦର୍ଶନଙ୍କର ମଧ୍ୟ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଆୟୁଧ ପୂଜା ସହିତ ମହାପ୍ରଭୁ ରାଜାଧିରାଜ ବେଶ ହୋଇଥାନ୍ତି।






## ମନ୍ଦିର ମାଳିନୀ : ଭାଗ-୩

### ଗଙ୍ଗେଶ୍ୱର - ଯମୁନେଶ୍ୱର ମନ୍ଦିର

ଲିଙ୍ଗରାଜ ମନ୍ଦିର ର ପୂର୍ବ ଦିଗରେ ଗଙ୍ଗା ଯମୁନା ରାସ୍ତାର ବାମ ପାର୍ଶ୍ୱରେ ୧୩ ଶହ ଶତାବ୍ଦୀର ଏହି ପ୍ରାଚୀନ ମନ୍ଦିର ଅବସ୍ଥିତ। ଲୋକ କଥା ଅନୁଯାୟୀ ମାତା ପାର୍ବତୀ କୀର୍ତ୍ତି ଓ ବାସ ନାମକ ଦୁଇ ଅସୁରଙ୍କ ସହ ଯୁଦ୍ଧ କରି ତାଙ୍କୁ ବଧ କରିବା ପରେ ତୃଷା ଅନୁଭବ କରିଥିଲେ। ଦେବୀଙ୍କ ତୃଷା ନିବାରଣ ନିମନ୍ତେ ବାବା ଶିବ ମହାଦେବ ନିଜର ତ୍ରିଶୂଳ ଭୂମି ଉପରକୁ ନିକ୍ଷେପ କରି ଏହି ଜଳ ଉତ୍ସ ସୃଷ୍ଟି କରି ଦେବୀ ପାର୍ବତୀଙ୍କ ତୃଷା ନିବାରଣ କରିଥିଲେ। ନିଜ ତ୍ରିଶୂଳ ମୁନରେ ସୃଷ୍ଟି କରିଥିବା ଏହି ଜଳ ଧାରା ଙ୍କୁ ପବିତ୍ର କରାଇବା ନିମନ୍ତେ ଦେବୀ ଗଙ୍ଗା ଓ ଯମୁନାଙ୍କୁ ଆହ୍ୱାନ କରାଇଥିବା ର କିମ୍ବଦନ୍ତୀ ଏହି ମନ୍ଦିର ସହ ଜଡ଼ିତ। ଏଠାରେ ଥିବା ଆକର୍ଷଣୀୟ ପୁଷ୍କରିଣୀ ଓ ପୁଷ୍କରିଣୀରେ ଥିବା ଭିନ୍ନ ପ୍ରଜାତିର ବଡ ବଡ ରଙ୍ଗ ବେରଙ୍ଗ ର ମତ୍ସ୍ୟ ମାନେ ଏହାର ମୁଖ୍ୟ ଆକର୍ଷଣ।

କ୍ଷୀରୋଦ ରଞ୍ଜନ ମିଶ୍ର

# ଓଡ଼ିଶାକୁ ମାଓ ହିଂସା ରୂପକ ଭାଇରସରୁ ପୁଲିସ ମୁକ୍ତ କରିପାରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡିଶା ପୁଲିସ ଏକ ଶୃଙ୍ଖଳିତ, ଲୋକାଭିମୁଖୀ ଏବଂ ଦକ୍ଷ ପୁଲିସ ବଳ। ଯେପରି ଭାବେ ପ୍ରତ୍ୟେକ କ୍ଷେତ୍ରରେ କିଛି ବ୍ୟତିକ୍ରମ ଥାଏ ସେମିତି କିଛି ବ୍ୟତିକ୍ରମ ପୁଲିସ ସେବାରେ ଥାଇପାରେ। ତାକୁ ବ୍ୟତିକ୍ରମ ଭାବେ ବିବେଚନା କରାଯାଇପାରେ। କିନ୍ତୁ, ଏ କଥା ଅନସ୍ୱୀକାର୍ଯ୍ୟ ଯେ ରାଜ୍ୟ ପୁଲିସର ଅକ୍ଲାନ୍ତ ପରିଶ୍ରମ ଫଳରେ ଓଡିଶା ନିରନ୍ତର ଭାବେ ଏକ ଶାନ୍ତିପ୍ରିୟ ରାଜ୍ୟର ମାନ୍ୟତା ପାଇଛି। ଏକ ବିକଶିତ ରାଷ୍ଟ୍ର ଓ ବିକଶିତ ରାଜ୍ୟର ସଂରଚନାର ସଂକଳ୍ପକୁ ସାକାର କରିବାରେ ସ୍ୱରାଷ୍ଟ୍ର ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଆପଣମାନେ ଏହି ବିଭାଗର ମେରୁଦଣ୍ଡ ସଦୃଶ ନିଜର ଦାୟିତ୍ୱ ତୁଲାଉଥିବାରୁ ମୁଁ ଆପଣ ସମସ୍ତଙ୍କୁ ସାଧୁବାଦ ଜଣାଉଛି । ଆପଣମାନେ ସମସ୍ତେ ଜାଣିଥିବେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ କରିବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ



ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଗତ ଦିନରେ ପୁଲିସର ପ୍ରଭାବଶାଳୀ ଓ ସକ୍ରିୟ ଭୂମିକାଯୋଗୁଁ ଚଳିତ ବର୍ଷ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଏକକାଳୀନ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ରାଜ୍ୟର ମାଓ ପ୍ରବଣ ଅଞ୍ଚଳରେ ଦୀର୍ଘ ବର୍ଷ ପରେ ନିର୍ବାଚନ ଅଘଟଣ-ମୁକ୍ତ ଥିଲା। ଏହା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ବାହୁଡା ଯାତ୍ରା ଏବଂ ସୁନାବେଶ ପୁଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା। ଏଥିପାଇଁ ମୁଁ ପୁଲିସ ବିଭାଗକୁ ଧନ୍ୟବାଦ ଜଣାଉଛି। ଦିନ ଥିଲା ଆମ ରାଜ୍ୟର ପ୍ରାୟ ଅର୍ଦ୍ଧାଧିକ ଭାଗ ମାଓବାଦୀ ଏବଂ ନକ୍ସଲବାଦୀ ହିଂସାର ଶିକାର ହୋଇଥିଲା। ଅନେକ ଜିଲ୍ଲାରେ ସନ୍ଧ୍ୟା ହେଲେ ଟାଟି କବାଟ ପଡ଼ିଯାଉଥିଲା। କିନ୍ତୁ, ରାଜ୍ୟ ପୁଲିସ, କେନ୍ଦ୍ରୀୟ ସୁରକ୍ଷା ବଳର ସହାୟତାରେ ଓଡ଼ିଶାକୁ ଏହି ହିଂସା ରୂପକ ଭାଇରସରୁ ମୋଟା ମୋଟି ଭାବେ ମୁକ୍ତ କରିପାରିଛି। ଏଥିପାଇଁ ରାଜ୍ୟ ପୁଲିସକୁ ଅନେକ ତ୍ୟାଗ ଓ ବଳିଦାନ ମଧ୍ୟ ଦେବାକୁ ପଡ଼ିଛି। ସେଥିପାଇଁ ମୁଁ ରାଜ୍ୟବାସୀଙ୍କ ପକ୍ଷରୁ ଓଡ଼ିଶା ପୁଲିସର ସେହି ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। କିନ୍ତୁ ଏହି ଲଢେଇ ସମାପ୍ତ ହୋଇନାହିଁ। ଯଦିଓ ମାଓବାଦୀଙ୍କ ବିସ୍ତାର ଏବଂ ପ୍ରଭାବ ହ୍ରାସ ପାଇଛି, ତଥାପି ଆଜି ବି ରାଜ୍ୟର କିଛି ଅଞ୍ଚଳରେ ପରିସ୍ଥିତି ଆହ୍ୱାନପୂର୍ଣ୍ଣ ରହିଛି। ଗତ ମାସ ୨୪ ତାରିଖ ଛତିଶଗଡ଼ର ରାୟପୁର ଠାରେ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନକ୍ସଲ ପ୍ରଭାବିତ ରାଜ୍ୟମାନଙ୍କର ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ଆମ ସରକାର କେନ୍ଦ୍ର ସରକାରଙ୍କ ସହଭାଗିତାରେ ନକ୍ସଲବାଦକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଓଡିଶାରୁ ନିପାତ କରିବା ପାଇଁ ଦୃଢ ସଂକଳ୍ପବଦ୍ଧ। ଏହା ପାଇଁ ପୁଲିସ ବାହିନୀକୁ ସୁଦୃଢ କରିବାକୁ ଆବଶ୍ୟକୀୟ ସରଞ୍ଜାମ, ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ, ଉପକରଣ, ଯାନବାହନ ଯଥା ଶୀଘ୍ର ଯୋଗାଇ ଦିଆଯିବ। ମାଓ ପ୍ରଭାବିତ ଜିଲ୍ଲା ଗୁଡିକରେ ଆରକ୍ଷୀ ଅଧିକ୍ଷକମାନେ ମାଓ ଦମନ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରି ମାଓବାଦୀ କାର୍ଯ୍ୟକଳାପର ସଫଳ ମୁକାବିଲା କରିବା ପାଇଁ ସଙ୍କଳ୍ପବଦ୍ଧ ହେବା ଆବଶ୍ୟକ। ପ୍ରାୟ ସପ୍ତାହେ ତଳେ କିଛି ମାଓ ହିଂସା ପୀଡିତଙ୍କୁ ଭେଟିବା ଅବସରରେ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମାଓବାଦ ଜନିତ ହିଂସା ଅତି ବେଶୀରେ ୩୧ ମାର୍ଚ୍ଚ ୨୦୨୬ ଦିନ ସୁଦ୍ଧା ତା'ର ଶେଷ ନିଶ୍ୱାସ ତ୍ୟାଗ କରିବ। ତେଣୁ ମୁଁ ଏହି ମଞ୍ଚରୁ ମାଓବାଦୀଙ୍କୁ ପରାମର୍ଶ ଦେବି ସେମାନେ ହିଂସା ତ୍ୟାଗକରି ମୁଖ୍ୟ ସ୍ରୋତକୁ ଫେରିଆସନ୍ତୁ, ନ ହେଲେ ସେମାନଙ୍କ ପାଇଁ ପରିଣାମ କ'ଣ ହେବ ସେମାନେ ଠିକ ଭାବେ ଜାଣିଛନ୍ତି। ମାଓ ହିଂସାକୁ ଦମନ କରିବା ପାଇଁ ରାଜ୍ୟ ପୁଲିସ ଏବଂ ସୁରକ୍ଷା ବଳ ପାଇଁ ସରକାରଙ୍କ ତରଫରୁ ବ୍ଲାଙ୍କ ଚେକ ପ୍ରଦାନ କରାଯାଇଛି।

# ଆନ୍ଦୋଳନ ପ୍ରତ୍ୟାହାର ପାଇଁ ରାଜି ହେଲେ ନର୍ସିଂ ସଂଘ: ମନ୍ତ୍ରୀ

ଭୁବନେଶ୍ୱର, : ରାଜ୍ୟବ୍ୟାପି ଧାରଣାରତ ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ନେଇ ବଡ଼ ଅପଡେଟ୍ ଆସିଛି। ଆଜି ସନ୍ଧ୍ୟାରେ ଆଲୋଚନା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ଯେ, ନର୍ସିଂ ସଂଘ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ରାଜି ହୋଇଛନ୍ତି। ଆଜି ସନ୍ଧ୍ୟାରେ ଓଡ଼ିଶା ନର୍ସିଂ ସଂଘର କର୍ମକର୍ତ୍ତାମାନେ ଆଲୋଚନା ପାଇଁ ଆସିଥିଲେ। ତାଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା। ଆମେ ଏକ କମିଟି ଗଠନ କରିବୁ। ଏହି କମିଟିରେ ନର୍ସିଂ ସଂଘର ଦାବି ସଂପର୍କରେ ଆଲୋଚନା କରିବୁ। ଆନ୍ଦୋଳନ ନେଇ ନର୍ସିଂ ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ସେମାନଙ୍କର ଦାବି ଶୁଣିବା ପାଇଁ ରାଜି ହୋଇଛନ୍ତି। କିନ୍ତୁ ଆନ୍ଦୋଳନ ଜାରି ରହିବ କି ନାହିଁ ସଂଘର କର୍ମକର୍ତ୍ତାମାନେ ଆଜି ରାତିରେ ଆଲୋଚନା କରିବେ। ବୈଠକ ପରେ ଅପଡେଟ୍ ଖବର ଗଣମାଧ୍ୟମକୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସାଧାରଣ ସଂଘର



ସଂପାଦକ ଅଶ୍ୱିନୀ ଦାସ କହିଛନ୍ତି, ରାଜ୍ୟ ସରକାର ଆମର ୧୦ ସୂତ୍ରୀ ଦାବି ତର୍ଜମା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନର୍ସିଂ ସଂଘ ସହିତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ସନ୍ଧ୍ୟାରେ ନର୍ସିଂ ଅଧିକାରୀମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ନର୍ସିଂ କର୍ମଚାରୀମାନେ ଅହୋରାତ୍ର ଧାରଣ ଦେବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଶ୍ରୀ ମହାଲିଙ୍ଗ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ନର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ଦ୍ୱାରା ରାଜ୍ୟର ଡାକ୍ତରଖାନା ଗୁଡ଼ିକରେ ରୋଗୀ ଓ ରୋଗୀ ପରିବାର ହନ୍ତସନ୍ତ ହୋଇଥିଲେ। ରୋଗୀ ସେବା ଉପରେ ଏହାର ଗୁରୁତର ପ୍ରଭାବ ପଡିଥିଲା। ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଥିଲା। ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସବୁଠି ନର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ। ହସ୍ପିଟାଲରେ ଇଞ୍ଜେକ୍ସନ ଦେବାକୁ ନର୍ସ ମିଳୁ ନଥିଲେ।

# ନଭେମ୍ବର ୨୬ ପୂର୍ବରୁ ମହାରାଷ୍ଟ୍ରରେ ନିର୍ବାଚନ : ମୁଖ୍ୟ ନିର୍ବାଚନ କମିସନର

ମୁମ୍ବାଇ: ନଭେମ୍ବର ୨୬ ପୂର୍ବରୁ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବ। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର । ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ର ସମୀକ୍ଷା କରିବା ପାଇଁ ଇସି ଟିମ୍ ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ନଭେମ୍ବର ୨୬ ସୁଦ୍ଧା ରାଜ୍ୟରେ ବିଧାନସଭା ନିର୍ବାଚନ ହେବ ବୋଲି ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି।ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଗଣତନ୍ତ୍ରରେ ସମସ୍ତଙ୍କ ଅଂଶଗ୍ରହଣ ଜରୁରୀ। ମହାରାଷ୍ଟ୍ରରେ ୧ ଲକ୍ଷ ୧୮୬ଟି ମତଦାନ କେନ୍ଦ୍ର ରହିଛି। ଏଠାରେ ୪୨,୫୫୮ଟି ସହରାଞ୍ଚଳ ବୁଥ୍ ଓ ୫୭,୬୦୦ଗ୍ରାମୀଣ ବୁଥ୍ ରହିଛି। ସହରାଞ୍ଚଳର ଶତ ପ୍ରତିଶତ ବୁଥ୍ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ବୁଥରେ ସିସିଟିଭି କ୍ୟାମେରା ଲଗାଇବାକୁ ଚେଷ୍ଟା କରାଯିବ। ସିଇସି କହିଛନ୍ତି ଯେ ଏହି ସମୟରେ ଆମେ ରାଜନୈତିକ ଦଳର



ପ୍ରତିନିଧିମାନଙ୍କୁ ମଧ୍ୟ ଭେଟିଥିଲୁ ଏବଂ ସେମାନେ ଦୀପାବଳି ଭଳି ପର୍ବକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଘୋଷଣା କରିବାକୁ ଆମକୁ କହିଥିଲେ। ଅଧିକାରୀଙ୍କ ବଦଳିରେ ସ୍ୱଚ୍ଛତା ଆଣିବା ସହ ୧୭ସି ଉପଲବ୍ଧ କରାଇବାକୁ ରାଜନୈତିକ ଦଳମାନେ ଦାବି କରିଛନ୍ତି। ମତଦାନ ପ୍ରକ୍ରିୟା ଶେଷ ହେବା ପରେ ପୋଲିଂ ଏଜେଣ୍ଟଙ୍କୁ ୧୭ସିର ନକଲ ଦିଆଯିବ। କେହି ଯେପରି ମିଥ୍ୟା ଓ ବିଭ୍ରାନ୍ତିକର ଖବର ପ୍ରଚାର ନ କରନ୍ତି, ତାହା ଉପରେ ମଧ୍ୟ ନଜର ରଖିବାକୁ ପଡ଼ିବ।

# 'ସୁଭଦ୍ରା'ର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତି

ଭୁବନେଶ୍ୱର: ଲୋକସେବା ଭବନର କନଭେନସନ ସେଣ୍ଟରରେ ଆୟୋଜିତ ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ପରେ ଦ୍ୱିତୀୟ ଅଧିବେଶନରେ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଉପସ୍ଥାପନା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏସଂପର୍କିତ ଉପସ୍ଥାପନ କରିଥିଲେ। 'ସୁଭଦ୍ରା' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ଦର୍ଶାଯାଇଥିଲା ଯେ ଅଦ୍ୟାବଧି ଛପା ଯାଇଥିବା ୧ କୋଟି ୮୯ ଲକ୍ଷ ୩୪ ହଜାର ୧୭୬ ସୁଭଦ୍ରା ଆବେଦନ ଫର୍ମ ମଧ୍ୟରୁ ୧ କୋଟି ୫୭ ଲକ୍ଷ ୧ ହଜାର ୫୫ ଫର୍ମ ବଣ୍ଟନ କରାଯାଇଛି। ଆଜି ପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ଆବେଦନ ପଞ୍ଜିକୃତ ହୋଇସାରିଛି। ସମୁଦାୟ ୨୫ ଲକ୍ଷ ୨୯ ହଜାର ୭୨୦ 'ସୁଭଦ୍ରା' ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଏଥି ମଧ୍ୟରୁ ୨୫ ଲକ୍ଷ ୧୭ ହଜାର ୫୪୫ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏବଂ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ



ଅର୍ଥରାଶି ପଠାଯାଇଛି। ବିଭିନ୍ନ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତିରେ ଓଡ଼ିଶାର ଗାଁଗାଁରେ ସୁଭଦ୍ରା ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଛି। ସୋସିଆଲ ପ୍ରୋଟେକସନ ଡେଲିଭେରୀ ପ୍ଲାଟଫର୍ମ(ଏସପିଡିପି) ମାଧ୍ୟମରେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନା (ଏନଏଫଏସ୍ଏସ୍) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସଏଫଏସଏସ)ର ହିତାଧିକାରୀଙ୍କୁ ଯାଞ୍ଚ କରାଯାଉଛି। ଏନଏଫଏସ୍ଏସ୍ ଓ ଏସଏଫଏସଏସରୁ ବାଦ ପଡିଥିବା ହିତାଧିକାରୀଙ୍କୁ କ୍ଷେତ୍ର ଅନୁଧ୍ୟାନ ଦ୍ୱାରା ଯାଞ୍ଚ କରାଯିବ। ସମସ୍ତ ଅନୁମୋଦନ ଓ ଖାରଜ ଫର୍ମର ତାଲିକା କାରଣ ସହ ସୁଭଦ୍ରା ୱେବ୍ ପୋର୍ଟାଲରେ ଦର୍ଶାଯିବ। ଏସଏମସ ଦ୍ୱାରା ମଧ୍ୟ ସମସ୍ତଙ୍କୁ ଜଣାଇ ଦିଆଯିବ। ରାଜ୍ୟସାରା ଯେଉଁ ଗୁଜବ ଚାଲିଛି ଯେ ବ୍ୟାଙ୍କ ଆକଉଣ୍ଟରୁ ପଇସା ନ ଉଠେଇଲେ ପଇସା ଆପେଆପେ ଫେରସ୍ତ ହେଇଯିବ, ଏପରି କିଛି ବି ବ୍ୟବସ୍ଥା କରାଯାଇ ନାହିଁ ଓ ହିତାଧିକାରୀଙ୍କ ଅର୍ଥ ରାଶି ସେମାନଙ୍କର ବ୍ୟାଙ୍କ ଆକଉଣ୍ଟରେ ସୁରକ୍ଷିତ ରହିବ ବୋଲି ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭାଗର ସମସ୍ତ ଅଧିକାରୀ ଓ ସମସ୍ତ ଜିଲ୍ଲାପାଳକୁ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଧନ୍ୟବାଦ ଜଣେଇବା ସହ ଜନଜାତି ବହୁଳ ଅଞ୍ଚଳମାନଙ୍କରେ ସୁଭଦ୍ରା କାର୍ଯ୍ୟକ୍ରମକୁ ପହଁଚାଇବା ପାଇଁ ବ୍ୟାପକ ଜନସଚେତନତାକୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ।

# କଳିଙ୍ଗନଗରରେ ଏକାଧିକ ସରକାରୀ ଜମିରେ ବେଆଇନ ମଦଦୋକାନ ହୋଇଥିବା ଅଭିଯୋଗ

କଳିଙ୍ଗନଗର, : ରାଜ୍ୟ ସରକାର ରାଜସ୍ୱ ବଢାଇବା ପାଇଁ ରାଜ୍ୟ ରେ ବହୁତ ସ୍ଥାନ ରେ ମଦ ଦୋକାନ କରିବା ପାଇଁ ଆଦେଶ ପାରିତ କରିବା ପରେ ବହୁତ ସ୍ଥାନରେ ସରକାରୀ ନିୟମ ଅନୁଯାୟୀ ମଦଦୋକାନ ଖୋଲା ଯାଇଅଛି । ମାତ୍ର କିଛି ମଦ ମାଫିଆ ମାନେ କିଛି ଭ୍ରଷ୍ଟ ଅଧିକାରୀଙ୍କୁ ହାତବାରିସୀ କରି ସରକାରୀ ନିୟମ ପାଳନ କରିବା ବଦଳରେ ସରକାରୀ ନିୟମର ଅବମାନନା କରି ମଦଦୋକାନ ଖୋଲା ଯାଇଛି । ଯାହା କି କଳିଙ୍ଗ ନଗର ଅଞ୍ଚଳରେ ଥିବା ଏକାଧିକ ମଦଦୋକାନରେ କୈଣସି ସରକାରୀ ନିୟମ ପାଳନ କରୁନଥିବା ବେଳେ




ସରକାରୀ ତଥା ଜଙ୍ଗଲ ଜମି ରେ ଘର କରି ମଦଦୋକାନ ଖୋଲା ଯାଇଛି । ଯାହା କି ଆଜକୁ ପ୍ରାୟ ୪/୫ ବର୍ଷ ହେଲା ଚାଲୁଥିବା ବେଳେ କିପରି ଅବକାରୀ ବିଭାଗର ନଜରରେ ଆସୁନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣ ଲୋକ ଆଲୋଚନା କରୁଛନ୍ତି । ବହୁତ ଦୋକାନ ରେ ସରକାରୀ ଧାର୍ଯ୍ୟ ରେଟ ଠାରୁ ଅଧିକ ରେଟ୍ ରେ ବିକ୍ରୀ କରୁଥିବା ର ବହୁବାର ଅଭିଯୋଗ ଆସୁଥିବା ବେଳେ ବହୁତ ସରକାରୀ ମଦଦୋକାନ ରେ ଡୁପ୍ଲିକେଟ୍ ମଦ ରଖି ଲୋକ ମାନଙ୍କ ଜୀବନ ସହିତ ଖେଳୁଥିବାର ଅଭିଯୋଗ ହେଇଥିବାର ନଜିର ଆସିଛି । ମାତ୍ର ସବୁ ପରେ ବି ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ରେ ସୋଇ ରହିଛି । ଏହି ସୋଇ ରହିବା ପଛରେ କଣ କାରଣ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ଏହି ବେଆଇନ ମଦଦୋକାନ ବିଶେଷ କରି ଦାନଗଦୀ ବ୍ଲକ ରେ ଦେଖିବାକୁ ମିଳିଛି । ଡୁବୁରି ,ଟମକା, ଦାନଗଦୀ ଅଞ୍ଚଳରେ ଥିବା ଏକାଧିକ ମଦଦୋକାନ ସରକାରୀ ଜମିରେ ଘର ନିର୍ମାଣ କରି ବେପାର କରୁଥିବା ଅଭିଯୋଗ ହେଉଛି ।ଏଠି ପ୍ରଶ୍ନ ଉଠୁଛି କି ଘରବାରି ଥିବା ସ୍ଥାନରେ ମଦଦୋକାନ ହେବକଥା କିନ୍ତୁ ଅନାବାଦୀ, ରକ୍ଷିତ ରେ କିପରି ହେଲା ଓ କେଉଁ ତହସିଲଦାର ଆଦେଶ ଦେଇଛନ୍ତି ତାହା ପ୍ରଶାସନ ତଦନ୍ତ କରାନ୍ତୁ ।ଯାହା କି ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଆଗକୁ ଦେଖିବାକୁ ବାକିରହିଲା ଅବକାରୀ ବିଭାଗ ସଂପୃକ୍ତ ଦୋକାନ ଗୁଡିକ ଉପରେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ବ୍ୟାସନଗର ପୌରଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ର ଚେତାବନୀ ଦେଇଛନ୍ତି ଉପାଧକ୍ଷ

ବ୍ୟାସନଗର : ବ୍ୟାସନଗର ପୌରପାଳିକା ସବୁବେଳେ ଅନାସ୍ଥା ପ୍ରସ୍ତାବ ପାଇଁ ଚର୍ଚ୍ଚାରେ ରହିଆସିଛି । ଏବେ ସେହି ଧାରାରେ ବର୍ତ୍ତମାନର ପୌରଅଧକ୍ଷା ସଂଗୀତା ପିଙ୍ଗୁଆ ଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିବାକୁ ସଜବାଜ ହେଉଥିବାର ଦେଖିବାକୁ ମିଳୁଛି । ସହର ର କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁ ନଥିବାର ଅଭିଯୋଗ ଆଣିଛନ୍ତି ସମ୍ପୃକ୍ତ ବିଜେଡି ଦଳର ଉପାଧକ୍ଷ ସୁବାଷ ଚନ୍ଦ୍ର ବଳ । ସେ ଅଭିଯୋଗ ଆଣିଛନ୍ତି କି ବିଗତ ଦିନରେ ସହରର ସମସ୍ୟା ଓ ରାସ୍ତାଘାଟ ର ମାରମତି ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ ଏବେ ସୁଦ୍ଧା କୌଣସି ପ୍ରକାରର କାର୍ଯ୍ୟ କରାଯାଇନାହିଁ । ଯଦି ସହରର ସମସ୍ୟା ଗୁଡିକ ର ସମାଧାନ କରାନଯାଏ ତେବେ ଆଗକୁ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ଶ୍ରୀଯୁକ୍ତ ବଳ ଜଣାଇଛନ୍ତି । ଆଜି ଅନାସ୍ଥା ପ୍ରସ୍ତାବରେ ମୁଁ ପ୍ରଥମେ ଦସ୍ତଖତ




କରିଛି ଆଗକୁ ଯଦି ସହରର ଉନ୍ନତି ମୂଳକ କାର୍ଯ୍ୟ କରାନଯାଏ ତେବେ ଅନ୍ୟ ପାରିଷଦ ମାନେ ମଧ ଦସ୍ତଖତ ଦେବେ ବୋଲି କହୁଛନ୍ତି ଉପାଧକ୍ଷ ସୁବାଷ ବଳ । ଜିଲ୍ଲାପାଳ ଙ୍କ ଉଦ୍ୟସରେ ଉପାଧକ୍ଷ ଙ୍କ ହସ୍ତାକ୍ଷର ଥିବା ଏକ ପତ୍ର ସୋସିଆଲ ମିଡ଼ିଆ ଭାଇରଲ ହେବାରେ ଲାଗିଛି.ଉପାଧକ୍ଷ ସୁବାଷ ଚନ୍ଦ୍ର ବଳ ଙ୍କ ଅନାସ୍ଥା ପ୍ରସ୍ତାବ ଖବର ପାଇବା ପରେ ସହରର ସବୁଠାରେ ଆଲୋଚନ ହେଉଥିବାର ଦେଖିବାକୁ ମିଳିଛି । ଅଧକ୍ଷା ଓ ଉପାଧକ୍ଷ ଗୋଟିଏ ରାଜନୀତିକ ଦଳରେ ଥାଇ ମଧ ଏପରି ପରିସ୍ଥିତି ଉପୁଜିବା ର କାରଣ କଣ ହୋଇଥାଏ ପାରେ ବୋଲି ସହରର ଗଳିକନ୍ଦି ରେ ଆଲୋଚନାର ଖୋରାକ ଯୋଗାଇଛି ।

## ଝଗଡେଇ - ମଙ୍ଗଳପୁର ରାସ୍ତା ଅଧାପନ୍ତରିଆ ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ

ଆସିକା : ଆସିକା ବ୍ଲକର ଝଗଡେଇ ଛକ ଠାରୁ ମଙ୍ଗଳପୁର ଯାତାୟାତ ହେଉଥବା ରାସ୍ତା ଅତି ଖରାପ ହୋଇଥଲେ ମଧ କାହାରି ଏଥି ପ୍ରତି ନିଘା ନାହିଁ । ଦୈନିକ ଏହି ରାସ୍ତାରେ ହଜାର ହଜାର ବାଟୋଇ ବାଣିଜ୍ୟ ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ ନିମନ୍ତେ ଯାତାୟାତ କରନ୍ତି । ଏଥି ସହିତ ସହ ସହ ମୋଟର ସାଇକେଲ ମଧ ବିଭିନ୍ନ କାର୍ଯ୍ୟ ପାଇଁ ଆସ୍କା, ବ୍ରହ୍ମପୁର ଏବଂ ଭଞ୍ଜନଗରକୁ ଯିବା ଆସିବା କରନ୍ତି । ଆସିକା ବ୍ଲକ ର ମଙ୍ଗଳପୁର, ଗାଙ୍ଗପୁର, ବାଲିଛାଇ ପଂଚାୟତ ଏବଂ ଧରାକୋଟ ବ୍ଲକ ର ଜଗମୋହନ, ଝାଡ଼ବନ୍ଧ, ଜହଡା, ସଂଗିପୁର ସମେତ ଅନେକ ଗ୍ରାମ କୁ ଲକ୍ଷ୍ମୀ ବସ ଏବଂ ଘରୋଇ ବସ ଚଳାଚଳ କରୁଛି । ଏହା ସତ୍ୱେ ମଧ ପୂର୍ତ୍ତ ବିଭାଗ, ବ୍ଲକ ପ୍ରଶାସନ କିମ୍ବା କୌଣସି ପଂଚାୟତ ଏଥି ପ୍ରତି ଦୃଷ୍ଟି ଦେଉନାହାନ୍ତି । ସାଧାରଣ ନିର୍ବାଚନ ସରିବାର ଚାରିମାସ ବିତିଯାଇଥିଲେ ମଧ କୌଣସି ରାଜନୀତି ଦଳର ଏହା ପ୍ରତି ଗରୁତ୍ୱ ନଥିଲା ଭଳି ମନେ ହେଉଛି । ଏହା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚ୍ଚାରିବାରୁ



ଏକ ଠିକା ସଂସ୍ଥା ଶୀଘ୍ର କାମ ସାରିବାକୁ ବାରମ୍ବାର ନିର୍ଦ୍ଦେଶ ଦେଲେ ସୁଦ୍ଧା କାମ କରିବାକୁ ଅଧିକ ସମୟ ମାଗୁଛି । କିନ୍ତୁ ବର୍ଷା ହେଲେ ପାଣି ଜମି ଲୋକ ମାନଙ୍କ ବହୁତ ଅସୁବିଧା ହେଲାଣି । ଜିଲ୍ଲାପ୍ରଶାସନ ଏଥି ପ୍ରତି ଧାନ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

### ପର୍ଯ୍ୟଟନ ଦିବସ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

## ଭୂଆଁବୁଲାଉଛନ୍ତି ସାଧାରଣ ଜନତାଙ୍କୁ

ପୁରୀ, : ବିଶ୍ୱ ପର୍ଯ୍ୟଟନ ଦିବସ । ପର୍ଯ୍ୟଟନ ଶାନ୍ତି, ଭାଇଚାରା ସୃଷ୍ଟି ସହ ଅର୍ଥ ନୀତିକୁ ମଧ ସମୃଦ୍ଧ କରିଥାଏ । ପର୍ଯ୍ୟଟକ ମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଭ୍ରମଣ ସହ ସ୍ଥାନୀୟ ଲୋକ ମାନଙ୍କ ପାଇଁ ଆର୍ଥିକ ସହଭାଗିତା ରେ ସହାୟକ ହୋଇଥାନ୍ତି । ପର୍ଯ୍ୟଟନ ମଧ ମନକୁ ଆନନ୍ଦ ଓ ଶାନ୍ତି ଦେଇଥାଏ । ସେଥିପାଇଁ ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ



ଦିବସ ର ଥିମ୍ ରହିଛି ପର୍ଯ୍ୟଟନ ଓ ଶାନ୍ତି । ଜିଲ୍ଲା ପ୍ରଶାସନ ଓ ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଗୋଲଡେନ ବିଚ୍ ଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲୋକଦେଖାନିଆ ଏମ୍ଵ ମିଡ଼ିଆ ରେ ହାଇଲାଇଟି ହେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତାରେ ସାମିଲ ହୋଇଥିଲେ । ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ବେଳାଭୂମି ଫଟୋଗ୍ରାଫର ସଂଘର ସଦସ୍ୟ,ବିଭିନ୍ନ ହୋଟେଲର ସଦସ୍ୟ, ଟୁର ଅପରେଟର,ଟୁରିଷ୍ଟ ଗାଇଡ, ଲାଇଫ ଗାର୍ଡ ମାନେ ବେଳାଭୂମି ସଫେଇ ରେ ସହଯୋଗ କରିଥିଲେ । କିନ୍ତୁ ବାସ୍ତବରେ ଏହି ଅଫିସର ବାବୁ ମାନେ ସରକାର ଟଙ୍କା ଯାହାକି ଆମ ଜନସାଧାରଣଙ୍କ ଟଙ୍କାରେ ଗଞ୍ଜି ଟୋପି କିଛି କରି ସେମାନ ପିନ୍ଧି ବା ସହିତ୍ୟ ବିଚି ଫଟଗାଫର ଏବଂ କିଛି ନକରି ସାମ୍ବାଦିକ ଦେଇ ଝାଡୁ ମୁଠା ହାତରେ ଧରି ଫଟ ଉଠାଇ ନା ନେଇ ସରକରକ ଗେଲା ପୁଆ ହେବା ପାଇଁ ଚଷ୍ଟା ବୁଦ୍ଧିଜିବି ମହଲରେ ଚର୍ଚ୍ଚା ହେଉଛି । ଏହି ଅଫିସର ମାନେ ଯଦି ଏହି ଗାଡି ଛାଡି ବାଇକି କିମ୍ବା ଚାଲିକି ବୁଲି ଦେଖନ୍ତେ ପୁରୀ ସାହି ଗଳି କନ୍ଦିର ଅବସ୍ଥା କଣ କିପରି ଶହ ଶହ ଜନତାକୁ ପୁରୀ ର ଏହି ଅଫିସର ମାନେ ମରଣ ମୁହଁକୁ ଠେରି ଦେଇ ନିଜ ପକେଟ ଗରମ କରୁଛନ୍ତି ଓଡିଶାର ନୂଆ ସରକାରଙ୍କୁ ମଧ ଚକାନ୍ତ କରି ବଦନାମ କରୁଛନ୍ତି ।

## ରାସ୍ତା ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେମିଳିଅଟାଳ ଗ୍ରାମବାସୀ



ଜୟପୁର : କୋଟପାଡ଼ ନିର୍ବାଚନ ମଣ୍ଡଳୀ ବୋରିଗୁମ୍ମା ବ୍ଲକ ବାଣ୍ଡିଗୁଡା ପଞ୍ଚାୟତ ସେମିଳିଅଟାଳ ଗ୍ରାମବାସୀ ପ୍ରାୟତଃ ବୋରିଗୁମ୍ମା ପଞ୍ଚାୟତ ଉପରେ ନିର୍ଭର କରିଥାନ୍ତି ସ୍ୱାସ୍ଥ୍ୟ ସମସ୍ୟା କୁ ନେଇ ନାଇଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ କ୍ଷ ଗ୍ରାମକୁ ଆସୁଥିବା ଆମ୍ବୁଲାନ୍ସ ୨ କିଲମିଟର ରେ ଅଟକି ଯାଏଁ କ୍ଷ ଯାହା ଫଳରେ ଗ୍ରାମବାସୀ ରୋଗୀଙ୍କୁ ଖଟିଆରେ ଆଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି କ୍ଷ ଗ୍ରାମରେ ରୁହନ୍ତି ୩୦ ରୁ ଊର୍ଦ୍ଧ ପରିବାର ରୁହନ୍ତି ବାରମ୍ବାର ରାସ୍ତା ନିମନ୍ତେ ପ୍ରାଶାସନ ଙ୍କୁ ଗୁହାରି କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ।

# କବି ଶୈଳଜ ରବି ପାଇବେ ପ୍ରଚାରକ ଅନନ୍ତ ମିଶ୍ର ସାହିତ୍ୟ ସମ୍ମାନ



ସତ୍ୟବାଦୀ: (ଦୁର୍ଗେଶ ପ୍ରସାଦ ମିଶ୍ର) : ଅଦ୍ୟତା ୨୨ ସେପ୍ଟେମ୍ବର ୨୦୨୪ ରବିବାର ଅପରାହ୍ଣ ତିନିଟା ବେଳେ ଭକ୍ତ ସାଲବେଗ ସମାଧି (ପାଠାଗାର) ପ୍ରାଙ୍ଗଣରେ ସତ୍ୟବାଦୀ ଯୁଗସ୍ରଷ୍ଟା ତଥା ଉତ୍କଳମଣି ଗୋପବନ୍ଧୁଙ୍କ ପରମ ସଖା ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କର ୧୪୧ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ସଭାପତି ଗାଳ୍ପିକ ରବୀନ୍ଦ୍ରନାଥ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡଃ ହେମନ୍ତ କୁମାର ଛୋଟରାୟଙ୍କ ସଂଯୋଜନାକ୍ରମେ କବି ବିଜୟକୁମାର ପରିଡ଼ା , ପଣ୍ଡିତ ସଦାଶିବ ମିଶ୍ର, ଭାରତ ବିକାଶ ପରିଷଦର ସମ୍ପାଦକ ଶ୍ରୀ ନବଘନ ଶତପଥୀ, କବୀ କମଳିନୀ ପାଣିଗ୍ରାହୀ, କବି ସୁରେଶ କୁମାର ପଟ୍ଟନାୟକ, କବୀ ମନୋରମା ଛାଟୋଇ ଆଚାର୍ଯ୍ୟ, ଶ୍ରୀ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ ପ୍ରମୁଖ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ପ୍ରସ୍ତୁତି କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା । ଆସନ୍ତା ୩ ନଭେମ୍ବର ୨୦୨୪ ଦିନ ମହାତ୍ମାଙ୍କର ଜୟନ୍ତୀ ପାଳନ ନିମନ୍ତେ କବି ଶୈଳଜ ରବି ଏବଂ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ତାଙ୍କର ଆଜୀବନ ସାଧନା ବ୍ୟାପ୍ତୀ ନିମନ୍ତେ ପ୍ରଚାରକ ଅନନ୍ତ ମିଶ୍ର ସାହିତ୍ୟ ସମ୍ମାନ ଓ ପ୍ରଚାରକ ଅନନ୍ତମିଶ୍ର ଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ ବୋଲି ଆନୁଷ୍ଠାନିକ ଭାବରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଜୟକୁମାର ଛାଟୋଇ ପ୍ରକାଶ କରିଛନ୍ତି । ପରିଶେଷରେ ସୁରେଶ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟର 'ନେସନ ବିଲ୍ଡର ଆୱାର୍ଡ' ସମ୍ବର୍ଦ୍ଧନା ସମାରୋହ








କଟକ: ରୋଟାରି କ୍ଲବ କଟକ, କ୍ୟାଣ୍ଟନମେଣ୍ଟର ନେସନ୍ ବିଲ୍ଡର ସମ୍ମାନ ସମ୍ବର୍ଦ୍ଧନା ଉତ୍ସବ ଓ.ସି.ଏ କନଫରେନ୍ସ ହଲରେ କ୍ଲବ୍ ସଭାପତି ଶୁଭ୍ରା ମହାନ୍ତି ଓ ଚେୟାରମ୍ୟାନ ରୋଟାରିଆନ ବିଶ୍ୱଜିତ ସେନାପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି । ନିମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱୋଳନ କରିବା ପରେ ଉତ୍ସବ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଷ୍ଟୁଆର୍ଟ ସାଇନ୍ସ କଲେଜର ପୂର୍ବତନ ଅଧକ୍ଷ ତଥା ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଡକ୍ଟର ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ରୋଟାରି କ୍ଲବର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ଡକ୍ଟର ଚିନ୍ମୟୀ ମହାପାତ୍ର ଯୋଗଦେଇ ସମ୍ବାଦିକ ଓ ଶିକ୍ଷକମାନେ ସମାଜର ମଙ୍ଗଳ ପାଇଁ ସବୁବେଳେ ସଜାଗ ରହିଛନ୍ତି ବୋଲି କହିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ବାଲିଚନ୍ଦ୍ରପୁର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଶିଶୁ ସାହିତ୍ୟ ପତ୍ରିକା 'ଟୁଉକୁ-ମୂଷି' ର ସମ୍ପାଦକ ଶ୍ରୀଯୁକ୍ତ ଗଣେଶ୍ୱର ସ୍ୱାଇଁ ଯୋଗଦେଇଥିଲେ । ପାଞ୍ଚ ଜଣ ବିଶିଷ୍ଟ ସମ୍ବାଦିକଙ୍କୁ 'ଏକ୍ସଲେନସି ଆୱାର୍ଡ ଅଫ୍ ଜର୍ଣ୍ଣାଲିଜମ', ପାଞ୍ଚ ଜଣ ମହିଳା ଟ୍ରାଫିକ ପୋଲିସଙ୍କୁ 'ନେସନ ରୋଡ୍ ସେଫଟି ଆୱାର୍ଡ', ଦଶ ଜଣ ଆମ୍ବୁଲାନ୍ସ ଡ୍ରାଇଭର ଏବଂ ତେଇଶି ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ 'ନେସନ୍ ବିଲ୍ଡର୍ ଆୱାର୍ଡ୍'ରେ ସମ୍ମାନିତ କରିଥିଲେ । ଭକ୍ତି ଭୂଷଣ ମହାନ୍ତି, ରବି ନାରାୟଣ ଦାଶ, ଶକ୍ତି ପ୍ରସାଦ ବେହେରା, ମିର୍ଜା ରିଜୱାନ ବେଗ୍ ଓ ଜଗନ୍ନାଥ ମହାନ୍ତି, ପ୍ରମୁଖ ଉତ୍କର୍ଷ ସମ୍ବାଦିକତା ପାଇଁ ସମ୍ମାନୀତ ହୋଇଥିଲେ । କ୍ଲବ ର ସମ୍ପାଦକ ପ୍ରଭାତ କୁମାର ମିଶ୍ର, କୋଷାଧକ୍ଷ ଜ୍ୟୋତି ରଂଜନ ଲେଙ୍କା, ରୋଟାରିଆନ ସସ୍ମିତ ସାମଲ, ଅନଙ୍ଗ ନାୟକ, ମୀରା ପୃଷ୍ଟି, ବିଦ୍ୟାସାଗର ଦାସ, ରୁପେଶ ଦାସ, ଟୁନା ପ୍ରଧାନ ଉତ୍ସବରେ ଉପସ୍ଥିତ ରହିଥିଲେ । 'ନେସନ୍ ବିଲ୍ଡର୍ ଆୱାର୍ଡ - କାହିଁକି ଦେବା' ଶୀର୍ଷକ ରେ ଆଇନଜୀବୀ କୈଳାସ ଚନ୍ଦ୍ର ଶତପଥୀ ବକ୍ତବ୍ୟ ରଖିଥିଲେ । କ୍ଲବର ପୂର୍ବତନ ସଭାପତି ତବସୁମ ଅକତର୍ ସଭାମଞ୍ଚ ପରିଚାଳନା କରିଥିଲେ ।

# ସତ୍ୟବାଦୀରେ ରାଜ୍ୟ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ଅନୁଷ୍ଠିତ





ସତ୍ୟବାଦୀ: (ଦୁର୍ଗେଶପ୍ରସାଦମିଶ୍ର) : ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି କହିଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି ଆର ପାଟିଲ । ସତ୍ୟବାଦୀର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳ ପଡିଆରେ ରାଜ୍ୟ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାଟିଲ ମହାତ୍ମାଗାନ୍ଧୀ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ ।୨୦୧୪ ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛତା ପାଇଁ ଲାଲକିଲ୍ଲାରୁ ଆହ୍ୱାନ ଦେବା ବେଳେ କେତେକ ଏହାକୁ ଗ୍ରହଣ କରି ପାରି ନ ଥିଲେ । କିନ୍ତୁ ସେ ଏହାକୁ ସେବା ବୋଲି ଅଭିହିତ କରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା କେତେ ଜରୁରୀ ତାହା ପ୍ରତିପାଦିତ କରିଛନ୍ତି । ପରିମଳ ପାଇଁ ଲୋକମାନେ ଅନେକ ଅସୁବିଧା ର ସମ୍ମୁଖୀନ ହେବା ସହ ରୋଗରେ ପଡୁଥିଲେ ଓ ମୃତ୍ୟୁ ବରଣ ମଧ୍ୟ କରୁଥିଲେ ।ବର୍ତ୍ତମାନ ପ୍ରତ୍ୟେକ ଙ୍କ ଘରେ ଶୌଚାଳୟ ହେବା ଦ୍ୱାରା ସମସ୍ତେ ବିଶେଷ କରି ମହିଳା ମାନେ ସର୍ବାଧିକ ଉପକୃତ ହେଉଛନ୍ତି ।ଆବାସ ଯୋଜନାରେ ୩ କୋଟି ଗୃହ ଯୋଗାଇ ଦିଆଯିବ ।ସେଥିରୁ ଗ୍ରାମାଞ୍ଚଳ ପାଇଁ ୨ କୋଟି ଆବାସ ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ । ପ୍ରାରମ୍ଭରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱଚ୍ଛତା ପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ । ପ୍ରତି ଘରେ ଶୌଚାଳୟ ସହ ପାନୀୟ ଜଳ ଯୋଗାଣ ର ବ୍ୟବସ୍ଥା କରାଯାଉଛି । ଆଗାମୀ ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯିବ ।ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ ବୋଲି କହିବା ସହ ଆଗାମୀ ୬ ମାସ ମଧ୍ୟରେ ସର୍ଭେ କରାଯାଇ ୨୦ ଲକ୍ଷ ଗରିବ ଲୋକ ଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ । ଶେଷରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜଳ ଶକ୍ତି ମନ୍ତ୍ରଣାଳୟର ଓଏସଡି ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନି ଯୋଗ ଦେଇଥିଲେ ।ଏହି ଅବସରରେ ତରଳ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ ଖୋର୍ଦ୍ଧା ଜିଲ୍ଲା, କଠିନ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ ସୁନ୍ଦରଗଡ ଜିଲ୍ଲା, ଗୋଷ୍ଠୀ ସହଭାଗିତା ପାଇଁ ପୁରୀ ଜିଲ୍ଲା ଓ ସାମଗ୍ରିକ ସ୍ୱଚ୍ଛତା ପାଇଁ ନୂଆପଡ଼ା ଜିଲ୍ଲା କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା,ସୁନ୍ଦରଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ସେହିପରି ପଞ୍ଚାୟତ ସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନ୍ଦରଗଡ ଜିଲ୍ଲାର କଚରୁ,ଗଞ୍ଜାମ ଜିଲ୍ଲାର ଚମ୍ପାଖଣ୍ଡି, ନୂଆପଡ଼ା ଜିଲ୍ଲାର ଭାଲେଶ୍ୱର, ଯାଜପୁର ଜିଲ୍ଲାର ସୁଜନପୁର ଓ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ସରପଞ୍ଚ ଦୁଃଶାସନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସଭା ସ୍ଥଳରେ ପ୍ରସ୍ତୁତ ୧୦ ଗୋଟି ପ୍ରଦର୍ଶନୀ ମଣ୍ଡପ କୁ ଅତିଥି ମାନେ ବୁଲି ଦେଖିବା ସହ ସ୍ୱଚ୍ଛତା ମିତ୍ର ଙ୍କୁ ସୁରକ୍ଷା ପିପିକିଟ୍ ପ୍ରଦାନ କରି ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ।ପୂର୍ବରୁ ଅତିଥି ମାନେ ସୁଆଣ୍ଡୋ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ଜନ୍ମ ପୀଠ ପରିଦର୍ଶନ, ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟାଳୟରେ ବ୍ଲକ କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ମା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ଓ ମା ଜାଗେଶ୍ୱରୀ ଚଇତାଳି ଘୋଡ଼ା ନୃତ୍ୟ ପରିଷଦ,ମା ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ର କଳାକାର ମାନେ ସୁଆଣ୍ଡୋ ବିଦ୍ୟାଧରପୁର , କଲେଜ ପଡ଼ିଆରେ ସ୍ୱାଗତ କରିଥିଲେ । ବିଦ୍ୟାଧରପୁର ପଞ୍ଚାୟତ ର ବିଭିନ୍ନ ସ୍ୱଚ୍ଛତା ପ୍ରକଳ୍ପ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ,ଅତିରିକ୍ତ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର,ଏସ ପି ପିନାକ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା,ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ମଣ୍ଡଳ ଉନ୍ନୟନ ଅଧିକାରୀ ଲିପ୍ସା ରାୟ ତହସିଲଦାର ଆଲୋକ କୁମାର ଦେହୁରୀ ଓ ଭାରପ୍ରାପ୍ତ ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ସ୍ଥାନୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ପ୍ରଥମରୁ ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଯୋଗ ଦେବା ର ଥିଲେ ମଧ୍ୟ ଅନିବାର୍ଯ୍ୟ କାରଣ ବଶତଃ ସେ ଅନୁପସ୍ଥିତ ରହିଥିଲେ ।

# Disaster Management and Its Prevention: A Scientific Approach



Nihar Ranjan Acharya

**Introduction**

Disasters, whether natural or man-made, have far-reaching consequences that can devastate communities, economies, and ecosystems. As climate change intensifies and urbanization grows, the risk of such events increases. Disaster management aims to reduce the vulnerability of populations and improve resilience by employing scientific, technological, and policy-driven approaches. This article explores the scientific principles behind disaster management and the strategies for its prevention.

**Understanding Disasters**

Disasters are extreme events that lead to significant loss of life, property, and disruption of essential services. They are typically categorized into: - Natural Disasters: Events like earthquakes, floods, hurricanes, droughts, and wildfires."- Man-Made Disasters: Industrial accidents, chemical spills, terrorist attacks, and nuclear accidents.""The impact of these disasters can be mitigated through early detection, preparedness, response, recovery, and preventive strategies.

The Science Behind Disaster Management

Disaster management is a multi-disciplinary field that incorporates various scientific and technological tools to forecast, mitigate, and respond to disasters. Key scientific domains include:

1. Seismology and Earthquake Prediction: Advances in seismology have improved the understanding of tectonic movements and fault lines. Early warning systems are now capable of providing alerts for earthquakes, though exact prediction remains a challenge.
2. Meteorology and Climate Modeling: Weather prediction models, based on satellite data, can forecast extreme weather conditions like storms and hurricanes. Improved climate modeling helps in predicting long-term climate-related disasters such as droughts and heatwaves.
3. Hydrology and Flood Management: Flood forecasting relies on the integration of real-time rainfall data, river basin monitoring, and computer models to predict water levels. Technologies like satellite-based remote sensing aid in identifying flood-prone areas and improving response plans.




4. Geographic Information Systems (GIS): GIS tools allow for the mapping of vulnerable regions, enabling authorities to plan evacuation routes and resource allocation. GIS also aids in the damage assessment phase by identifying the hardest-hit areas post-disaster.
5. Epidemiology: In the event of biological disasters or pandemics, epidemiologists play a critical role in monitoring the spread of disease, designing response strategies, and mitigating long-term health impacts.

**Phases of Disaster Management**

Disaster management involves a cyclical process that ensures comprehensive preparedness and response. The phases include:

1. Prevention and Mitigation: Reducing the risk of disasters through preventive measures such as building codes, land-use planning, and environmental protection. For example, constructing buildings in earthquake-prone zones with resilient materials or designing flood-resistant infrastructure."
2. Preparedness: Involves developing disaster response plans, conducting regular training drills, and setting up early warning systems. For instance, coastal regions vulnerable to tsunamis may establish evacuation protocols and warning systems to alert the public.
3. Response: The immediate actions taken after a disaster strikes, including search and rescue operations, medical aid, and the provision of basic needs such as food and water.
4. Recovery: The long-term process of rebuilding and rehabilitating affected communities. This phase includes restoring infrastructure, offering psychological support, and revisiting disaster management plans to incorporate lessons learned.

**Prevention Strategies**

While responding to disasters is critical, prevention strategies offer a more sustainable solution. Key prevention measures include:

1. Early Warning Systems: The use of technological innovations like satellite-based monitoring systems can detect potential disasters early. For instance, tsunami warning systems employ seismic sensors to monitor undersea earthquakes that may trigger tsunamis, giving coastal populations time to evacuate.
2. Infrastructure Resilience: Building disaster-resilient infrastructure is essential. Flood barriers, sea walls, and green infrastructure such as mangroves can mitigate the effects of coastal flooding. Retrofitting buildings in earthquake-prone areas can prevent collapses and reduce fatalities.
3. Urban Planning and Zoning: Urban sprawl into vulnerable areas such as floodplains or hillsides increases the risk of disaster. Regulating land use and enforcing zoning laws help limit exposure to these hazards.
4. Sustainable Environmental Practices: Deforestation, soil degradation, and unregulated industrial activities exacerbate disaster risks like landslides and floods. Sustainable land-use practices, afforestation, and soil conservation efforts can prevent these risks from escalating.
5. Public Awareness and Education: Educating the public on how to respond during disasters, the importance of emergency preparedness, and risk-reduction strategies can save lives. School programs, community workshops, and public awareness campaigns are key to building resilience.

**Role of Technology in Prevention**

Modern technological advancements are revolutionizing disaster prevention. Some examples include:

Artificial Intelligence (AI): AI can analyze vast amounts of data from sensors, weather stations, and satellites to predict disaster risks with higher accuracy. Machine learning algorithms are used to improve flood forecasting, wildfire prediction, and the monitoring of volcanic activity.

Drones: Drones are increasingly used in disaster-prone areas to assess damage, deliver aid, and conduct search-and-rescue operations. They are also valuable for mapping disaster-prone regions to enhance preparedness strategies.

Internet of Things (IoT): IoT-enabled devices can provide real-time data on environmental conditions, helping authorities to detect early signs of disasters such as forest fires, landslides, or chemical leaks.""-Blockchain: Blockchain technology can ensure transparent and secure data-sharing during disaster response operations, facilitating quick financial aid distribution to affected areas.

**Conclusion**

Disaster management is an evolving field that draws upon multiple scientific disciplines to minimize risk and prevent catastrophe. As climate change and population growth continue to elevate the threat of disasters, investing in preventive measures and leveraging technological advancements is essential for building resilient societies. From the implementation of early warning systems to the construction of disaster-resistant infrastructure, the path to effective disaster management lies in scientific innovation, public awareness, and global cooperation.

*Founder and Working Director,*
*TRUST - a Science and Environment Lover Organization*
*Ph.8249775817*
*E-mail: nihar.acharya@rediffmail.com*

# Swachhata Hi Seva Campaignat Baphlimali Bauxite Mine of Utkal Alumina

Rayagada : Baphlimali Bauxite Mineof Utkal Alumina, a subsidiary of Hindalco Industries Limited of Aditya Birla Group, has successfully conducted a series of impactful events as part of the Swachhata Hi Seva campaign aimed at promoting cleanliness and hygiene in the community.On September 18, 2024, the campaign launched at Maikanch Govt. High School and Andrakanch Govt. Primary School, featuring engaging drawing and essay competitions for over 40 enthusiastic students. The theme, "The Role of Students Towards a Clean India," inspired creative expressions and emphasized the importance of cleanliness in everyday life.Following this, a significant Cleanliness Drive was held on September 20, 2024, at the Baphlimali Bauxite Mine premises. Employees, including contractual staff, participated wholeheartedly in cleaning efforts and took the Swachhata Pledge to uphold cleanliness in their work and community environments. A Swachhata Abhiyan with ICDS Kashipur involved 55 Anganwadi workers and health officials discussing the vital link between hygiene and health.Most recently, on September 27, 2024, a comprehensive event in Hatikaman Village combined a cleanliness drive, health awareness program, and mobile health checkup. Participants included employees, villagers, and a medical team, who collectively cleaned public spaces and engaged in discussions about hygiene practices, waste management, and health.These initiatives not only fostered a cleaner environment but also empowered the local community to take ownership of their surroundings. Feedback from participants has been overwhelmingly positive, with many expressing a desire for more such events in the future.

# ଓଡିଶାର ଦୁର୍ଦ୍ଦଶା ଓ ସାଇବଙ୍କ ଅଣଓଡ଼ିଆ ପ୍ରୀତି



ପଣ୍ଡିତ ବିଜୟକୁମାର ଛାଟୋଇ

ଶାସ୍ତ୍ରରେ କୁହାଯାଇଛି - 'ତର୍କୋଅପ୍ରତିଷ୍ଠଃ' ଅର୍ଥାତ୍ ତର୍କଶାସ୍ତ୍ରର କୌଣସି ପ୍ରତିଷ୍ଠା ନାହିଁ । କିନ୍ତୁ ଯାହା ବାସ୍ତବ ତାହାହିଁ ସତ୍ୟ । କୌଣସି ପୂର୍ଣ୍ଣ ତଥ୍ୟକୁ ଜ୍ଞାତ ନ ହୋଇ ଅତିପଣ୍ଡିତ ଦେଖାଇହେବା ସମାଜରେ କେତେକଙ୍କର ଦୈନନ୍ଦିନ ଅଭ୍ୟାସ ହେଲାଣି । ଆମ ଚାରିପାଖରେ ସ୍ୱଳ୍ପ ଜାଣି ବହୁ ପ୍ରମାଣଦର୍ଶୀ ଦେଖାଉଥିବା ଲୋକ କମ ନାହାଁନ୍ତି । କେତେକଙ୍କୁ ବାଦ୍ ଦେଲେ ଅନେକ ବ୍ୟକ୍ତି ଅଛନ୍ତି , ପରିସ୍ଥିତିରେ ପତିତ ହୋଇ ପ୍ରତିଷ୍ଠିତ ବ୍ୟକ୍ତି ବା ଅନୁଷ୍ଠାନ ଦ୍ୱାରା ବଶୀକରଣ ବା ପ୍ରଲୋଭିତ ହୋଇ ବେଳେବେଳେ ତର୍କ ଆରମ୍ଭ କରି ପ୍ରଶାସନ କିମ୍ବା ରାଜନ୍ୟ ପାର୍ଷଦଙ୍କର ପ୍ରିୟପାତ୍ର ହେବାର ପ୍ରୟାସରେ ମାତନ୍ତି । ସେହି ତର୍କ ବା ଯୁକ୍ତି ଉପସ୍ଥାପନାରେ ତାଙ୍କର ମନ ଅଭିଳଷିତ ଥାଏ । ଏହିକ୍ରମରେ ଅନ୍ୟକୁ ଉସ୍କାଇବାପାଇଁ ନିଜ ଉପାୟକ୍ରମେ ଲେଖନୀଯୁଦ୍ଧ, ବାକ୍ ବିତଣ୍ଡାଯୁଦ୍ଧ , କପଟଯୁଦ୍ଧ ଆଦି ଅନେକ ଯୁଦ୍ଧ ଆରମ୍ଭ ହୋଇଯାଏ । ଏଇ ଦେଖୁନ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କଥା । ଆମ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଜୀ ଯେଉଁ ମନ୍ତବ୍ୟ ଦେଲେ ତା' ଉପରେ ମହାଝଡ଼ ଆରମ୍ଭ ହୋଇଗଲା । ଆଗେ ଶିକ୍ଷାନୁଷ୍ଠାନର ଅଭାବ ଓ ଅସୁବିଧା ପୂରଣ କରି ପରବର୍ତ୍ତୀ ନିଷ୍ପତ୍ତି କଣ ହେବ ସେକଥା ଉପରେ ଆଲୋଚନା କରିବାକଥା । କିନ୍ତୁ ସେସବୁ ନ ହୋଇ ପ୍ରତିଶୋଦ୍ଧ ପରାୟଣ ହେବା ଦୁର୍ଭାଗ୍ୟଜନକ । ଯଦିଓ ଏଠାରେ ଅସ୍ମିତାର କଥା ଉଠୁଛି ତଥାପି ବିଚାରବିମର୍ଶର ଆବଶ୍ୟକତା ରହିଛି । ସେଯାହା ହେଉ ଆମେ କେତେକ ତାର ସୁଯୋଗ ଉଣ୍ଡି କେତେ କ'ଣ ଇତିହାସରୁ ଉତାରି ବା କପି କରି ଖବରକାଗଜରେ ଛପାଇ ବାହାବା ନେଉଛୁ ।

କଥାଟି ହେଉଛି ସେହି ସାଇବ କିଏ ? ସେଇ ରେଭେନ୍ସା ସାହେବ ମହୋଦୟ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନର ଜଣେ ପ୍ରଶାସକ । ଏଇ ପ୍ରଶାସକମାନେ କୁଆଡେ ଭାରତର ହଜାର ହଜାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହତ୍ୟା କରିଛନ୍ତି କିମ୍ବା ହତ୍ୟା କରିବାରେ ସହଯୋଗ କରାଇଛନ୍ତି । ଏକଥା ବି ମିଛ ନୁହେଁ । ରେଭେନ୍ସା ନିଜେ କେନ୍ଦୁଝର ର ଜୁଆଙ୍ଗ ଓ ଭୂଇଁଆ ଆନ୍ଦୋଳନ କାରୀଙ୍କୁ ହତ୍ୟା କରିବା ସହିତ ରତନା ନାଏକ ଓ ତାଙ୍କର ସାଥିମାନଙ୍କୁ ୩୦ ନଭେମ୍ବର ୧୮୬୮ରେ ଫାଶୀ ହେବାରେ ରେଭେନ୍ସା ସାହେବ ସଂପୂର୍ଣ୍ଣ ଦାୟୀ ରହିବା କଥାଟି ଆଦୌ ମିଛ କଥା ନୁହେଁ । ତେଣୁ ଏପରି ଅନେକ କାରଣ ଗୁଡିକୁ ବିଚାରକୁ ନେଲେ ପାଖାପାଖି ଚାଳିଶ ଲକ୍ଷ ଓଡ଼ିଆ ମରିଛନ୍ତି ତାଙ୍କ (ରେଭେନ୍ସା) ସମୟରେ । ଏହା ଅକ୍ଷମଣୀୟ ନିଶ୍ଚୟ ।

ଇଂରେଜମାନଙ୍କର ଓଡ଼ିଶା ଆଗମନର କାରଣ ଥିଲା ବେପାର ବଣିଜ କରିବା । ପରେ ଉପନିବେଶବାଦ ସ୍ଥାପନ କରି ଆମକୁ ଶାସନ କଲେ । ସେମାନେ ବୁଝିଥିଲେ ଆମର ମାନସିକତାକୁ । ତେଣୁ ଆମକୁ ଶାସନ କରିବାରେ ସାମର୍ଥ୍ୟ ହାସଲ କଲେ । ଶେଷରେ ବୋହିନେଲେ ଅନେକ ଧନରତ୍ନ ଆମଦେଶରୁ । ସେମାନେ ଆମଦେଶରେ ରହି ଯେଉଁ ଯେଉଁ ବ୍ୟବସ୍ଥା କରିଥିଲେ ସେସବୁ ନିଜର ସୁବିଧା ପାଇଁ । ଅବଶ୍ୟ ପରବର୍ତ୍ତୀକାଳରେ ଆମ ପାଇଁ ସେସବୁ ସୁଗମ ହେଲା । ସାଇବ ରେଭେନ୍ସା ବଙ୍ଗଳା ଓ ପାଟନାର ଶୋହଳ ବର୍ଷର ଅନୁଭବୀ ପ୍ରଶାସକ ଏବଂ ବୀରଭୂମର ଜର୍ଜ ଭାବରେ ବ୍ରିଟିଶ୍ ସରକାରର ସୁଦକ୍ଷ ପ୍ରଶାସକ ଭାବରେ କାମ କରୁଥିଲେ । ତାଙ୍କର ପୂର୍ଣ୍ଣନାମ ହେଉଛି ଥୋମାସ୍ ଏଡୱାର୍ଡ ରେଭେନ୍ସା । ୧୮୨୭ ଜୁଲାଇ ଏକ ତାରିଖରେ ଇଂଲଣ୍ଡର ସମରସେଟ୍ ଅଞ୍ଚଳର ବାଥ ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଜନ୍ ଏଚ୍ ରେଭେନନ୍ସା । ଏହି ରେଭେନ୍ସା ସାହେବ ୧୮୪୯ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀ ଅମଳରେ ସିଭିଲ୍ ସର୍ଭିସ୍ ରେ ଯୋଗଦେଇ ଭାରତ ଆସି ୧୮୮୧ ମସିହାର ଶେଷଯାଏଁ ଚାକିରୀ କରିଥିଲେ । ସେ ପଦୋନ୍ନତି ଲାଭକରି ଓଡ଼ିଶାର ରେଭିନ୍ୟୁ କମିଶନର ଭାବେ ନିଯୁକ୍ତ ହେଲେ । ସେସମୟରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଚାଲିଥାଏ । ଶିଳ୍ପର ଉନ୍ନତି ନିମନ୍ତେ ନୂତନ ଯନ୍ତ୍ରପାତିର ବ୍ୟବହାର ଏବଂ ଉନ୍ନତ କୌଶଳ ଅବଲମ୍ବନ କରି ନିଜଦେଶର ଲୋକଙ୍କର ହିତସାଧନ ନିମନ୍ତେ ନିତିଦିନିଆ ବ୍ୟବହାର ହେଉଥିବା ଦ୍ରବ୍ୟ ଉତ୍ପାଦନରେ ବୃଦ୍ଧି ଆଣି ମନୁଷ୍ୟର ଜୀବନଧାରଣର କ୍ଷମତାକୁ ପରିବର୍ତ୍ତନ କରିବା ଲକ୍ଷରେ ନିଜଦେଶର ଗଠନ ପଥରେ ଆଗେଇନେବାର ଯୋଜନା ରଖି ସମଗ୍ର ଭାରତବର୍ଷରୁ ଶିଳ୍ପଜାତ କଞ୍ଚାମାଲ ବିନାମୂଲ୍ୟରେ ନେଲେ ଏବଂ ସ୍ୱଦେଶରୁ ଶିଳ୍ପଜାତଦ୍ରବ୍ୟର ଚାହିଦା ବଢାଇ ଏସିଆ ଓ ଆଫ୍ରିକାରେ କମ୍ ଦରରେ ବିକ୍ରିକଲେ । ଫଳରେ ଏଠାରେ ହସ୍ତଶିଳ୍ପର ଚାହିଦା କମିବାରୁ ଲୋକେ ହାତବାନ୍ଧି ବସିଲେ । ଲୋକେ ଅର୍ଥ ନ ପାଇ ସରକାରଙ୍କୁ ଖଜଣା ଆକାରରେ ଚାଉଳ ଦେଲେ । ଉଭୟ ମରୁଡି ଓ ମହାମାରୀ ଭଳି ମହାବ୍ୟାଧି ବେଳେ ଲୋକେ ଡହଳ ବିକଳ ହୋଇ ମରିବାକୁ ଲିଗିଲେ । ଏହି ଘଟଣା ଘଟିବାରୁ ଅବଶ୍ୟ କୃଷି କାର୍ଯ୍ୟ ନିମନ୍ତେ ଅନେକ ବ୍ୟବସ୍ଥା କରାଯାଇଥିଲା । ଇତି ମଧ୍ୟରେ ରେଭେନ୍ସା ସାହେବ ପାଞ୍ଚ ଜୁଲାଇ ୧୮୮୫ ମସିହାରେ କଟକରେ ପହଞ୍ଚିଲା ବେଳକୁ ଓଡ଼ିଶାରେ ମରୁଡ଼ିର ପ୍ଲାନ ପ୍ରସାରିତ ହେଉଥିଲା । ବହୁଲୋକ ଅନାହାରରେ ମୃତ୍ୟୁମୁଖରେ ପଡିଲେ । କୁହାଯାଏ ରେଭେନ୍ସାଙ୍କ ଅପାରଗତା ଯୋଗୁଁ ଆଠ ମାସ ମଧ୍ୟରେ ଓଡ଼ିଶାର କୋଡ଼ିଏ ଲକ୍ଷ ଲୋକ ଖାଇବାକୁ ନ ପାଇ ପ୍ରାଣ ହରାଇଲେ । ଅବଶିଷ୍ଟ ଦଶ ଲକ୍ଷଲୋକ ଭୋକ ବିକଳରେ ଦେଶାନ୍ତର ହେଲେ । ପୁରୀର କଲେକ୍ଟର ଜି ଏନ୍ ବାର୍ଲୋ ବାରମ୍ବାର ରେଭେନ୍ସାଙ୍କୁ ଚିଠି ଲେଖୁଥିଲେ ମଧ୍ୟ ରେଭେନ୍ସା କର୍ଣ୍ଣପାତ ନ କରି ଜୁଲାଇ ୨୨ ତାରିଖରେ ଓଡ଼ିଶାର ବାଲେଶ୍ୱର ଗସ୍ତରେ ଯାଇ ସେଠାରେ ତିନି ସପ୍ତାହ ରହିଲେ । ସେଠାରେ ଖାଦ୍ୟାଭାବ ସତ୍ତ୍ୱେ ୬୯ଟି ଜାହାଜରେ ମାନ୍ଦ୍ରାଜକୁ ଚାଉଳ ରପ୍ତାନୀ କରାଇଲେ । କିନ୍ତୁ ସେ ଚାଉଳ ବାଟମାରଣା ହୋଇ ମାନ୍ଦ୍ରାଜକୁ ନ ଯାଇ ପୁରୀରେ ପହଞ୍ଚିଥିଲା । ଲୋକେ ସେସବୁ ଚାଉଳକୁ ଲୁଟି ନେଇଯିବାରୁ ପରବର୍ତ୍ତୀ ସମୟରେ ରେଭେନ୍ସା ସାଇବ ଅବଗତ ହୋଇଥିଲେ ଯେ ତାଙ୍କୁ ଉପଯୁକ୍ତ ତଥ୍ୟ ବଙ୍ଗାଳୀମାନେ ଦେଉନଥିଲେ ବୋଲି । ଦୁର୍ଭିକ୍ଷ ସମୟରେ ଦୁଇଶହ ମିଲିୟନ ପାଉଣ୍ଡ ଓଜନର ଚାଉଳ ଅଥଚ ୨୦ ହଜାର ଟନ ଚାଉଳ ବ୍ରିଟେନକୁ ରପ୍ତାନି କରିବାରେ ରେଭେନ୍ସା ବ୍ୟସ୍ତ ରହିଲେ । ଏପଟେ ଓଡ଼ିଆ ଜମିଦାରମାନେ ପ୍ରଜାକୁ ଖାଦ୍ୟ ପାନୀୟ ଦେଲେ ସେମାନଙ୍କ ଉପରେ ଅଧିକ ଖଜଣା ଲାଗୁ କରି ଜମିଦାରୀରୁ ଉଚ୍ଛେଦ କଲେ । ୨୦ ଅପ୍ରେଲ ,୧୮୬୬ ରେ କେମଣା ଫାଣ୍ଡି ନିକଟରେ ଜଣେ ଭୋକିଲା ଲୋକ ମଣିଷ ମାଂସ ଖାଉଥିବାର ଦେଖି ଭୋକିଲା ଲୋକର ଖାଇବା କଥା ବୁଝିବା ବଦଳରେ ଡାକ୍ତରୀ ପରୀକ୍ଷାପାଇଁ ସେ ବାଲେଶ୍ୱର କଲେକ୍ଟରଙ୍କୁ ଚିଠି ଲେଖି ଜଣାଇଥିଲେ ରେଭେନ୍ସା । ସେଠାରୁ ଫେରିବାପରେ ଦୁର୍ଭିକ୍ଷ କ୍ଷୟକ୍ଷତି ଆକଳନପାଇଁ ଆସିଥିବା ଛୋଟଲାଟ ସେସିଲ ବୀଡନଙ୍କୁ ୧୫ ଫେବ୍ରୁଆରୀ ୧୮୬୬ରେ କଟକରେ ଭବ୍ୟ ଦରବାର ଆୟୋଜନ କରି ଓଡିଶାର କଙ୍କାଳସାର ମଣିଷର ଦୁଃଖ ଓ ବେଦନାର ଘଟଣା ସମୂହକୁ ଲୁଚାଇଲେ ଥିଲେ ସାଇବ ମହାଶୟ । ଏହି ଦରବାରରେ ଚାଉଳକ୍ରୟ, ଦରଦାମ ନିୟନ୍ତ୍ରଣ, ଖଜଣା ଛାଡ ତଥା ଉଚ୍ଚଶିକ୍ଷାପାଇଁ କଲେଜ ସ୍ଥାପନ ଆଦି ଦାବି ପ୍ରତି ରେଭେନ୍ସାଙ୍କ ସମର୍ଥନ ନ ଥିବାରୁ ଛୋଟଲାଟ ଏହିସବୁ ସମସ୍ୟାକୁ ଅଣଦେଖା କରିବା ସ୍ୱଭାବିକ କଥା । ବାଲେଶ୍ୱର ଜମିଦାର ଖଜଣା ତାରିଖ ମାସେ ଘୁଞ୍ଚାଇ ଦେବାକୁ ଅନୁରୋଧ କରିବାରୁ ରେଭେନ୍ସା ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ବାଲେଶ୍ୱର କଲେକ୍ଟର ଏଚ ମସପ୍ରାଟଙ୍କୁ ଚିଠି ଲେଖିଲେ - 'ଜିଲ୍ଲାରେ ଯେତେ ଚାଉଳ ଅଛି ବୋଲି ତୁମେ ଭାବୁଛ, ମୁଁ ନିଃସନ୍ଦେହ ଯେ, ତା' ଠାରୁ ବେଶୀ ଚାଉଳ ଅଛି । ତେଣୁ ତୁମେ କୌଣସିମତେ ନାର୍ଯ୍ୟ ବ୍ୟବସାୟରେ ହସ୍ତକ୍ଷେପ କରିବନାହିଁ ।" ରେଭେନ୍ସା ସାଇବ ବାଲେଶ୍ୱରରେ ଅନ୍ନଛତ୍ର ଦେଖୁଥିବା



ବେଳେ ଲୋକଙ୍କ ଭିଡ଼ରେ ସେ ତଳେ ପଡିବା ପରେ ବି ବାସ୍ତବ ସ୍ଥିତିକୁ ଗୁରୁତ୍ୱ ନ ଦେଇ ପୁଣି ମାସକପାଇଁ ଶିମିଳିପାଳ ବୁଲିବାକୁ ଚାଲିଗଲେ । ମଇ ୨୫ ତାରିଖରେ ରେଭେନ୍ସା ଶିମିଳିପାଳ ଜଙ୍ଗଲରୁ ବାଘଶିକାର ସାରି ଫେରିବା ପରେ କଟକରେ ଚାଉଳ ଅଭାବ ଯୋଗୁଁ ସୈନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବିଦ୍ରୋହରେ ଦେଖାଦେଇଥିଲା । ଫଳରେ ରେଭେନ୍ସା ବାଧ ହୋଇ ଏକଲକ୍ଷ ଟଙ୍କାର ଚାଉଳ ପଠାଇବାକୁ କଲିକତାକୁ ଚିଠି ଲେଖିଲେ । ଚିଠି ମିଳିବା ଦିନ ହିଁ ଚାଉଳ କିଣିବାକୁ ଛୋଟଲାଟ ଆଦେଶ ଦେଲେ । ତେବେ ଏକଥା ଆଗରୁ କାହିଁକି ହେଉନଥିଲା । ନିଶ୍ଚୟ ଏଥିରେ ରେଭେନ୍ସାଙ୍କର ହାତ ଥିବ । ସେ ବାରମ୍ବାର ଚିଠି ଲେଖି ଓଡିଶାରେ ପ୍ରଚୁର ଚାଉଳ ଅଛି ବୋଲି କଲିକତା ଅଫିସକୁ ଜଣାଇବାର କାରଣ କେତେ ହୀନମନା ହୋଇପାରେ ! ଓଡିଶାବାସୀଙ୍କ ଦୁର୍ଦ୍ଦଶା ବିଷୟରେ ତାଙ୍କର ସିରସ୍ତାଦାର ବିଚିତ୍ରାନନ୍ଦ ଦାସ ଓ ପୁରୀ କଲେକ୍ଟର ବାର୍ଲୋ ବାରମ୍ବାର ସୂଚାଉଥିଲେ ମଧ ସେ ନିଜର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକୁ ବଦଳାଉ ନ ଥିଲେ । ଏଠାରେ କହିରଖିବା ଯେ ସିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କର ଅବଦାନକୁ ଏ ଓଡ଼ିଆ ଜାତି ଆଦୌ ଭୁଲିପାରିବ ନାହିଁ । ତାଙ୍କର ଓଡ଼ିଶାକୁ ଅବଦାନ ମହାର୍ଘ୍ୟ ଓ ଦିବ୍ୟ । ଖାଦ୍ୟାଭାବ ଦୂରପାଇଁ ବାର୍ଲୋ ସାହେବ ମହୋଦୟ ପୁଣି ଚିଠି ଲେଖିବାରୁ ରେଭେନ୍ସାଙ୍କୁ । କିନ୍ତୁ ସେ ପ୍ରତ୍ୟାଖ୍ୟାନ କରି ଗଡ଼ଜାତ ରାଜ୍ୟରେ ବିଳାସ ବ୍ୟସନରେ ସମୟ କାଟିବାକୁ ଚାରିମାସ ବୁଲିବାପାଇଁ ଚାଲିଗଲେ ଏବଂ ପାଲଟା ଜବାବ ତଲବ କରିଥିଲେ ଯେ ' ତୁମେ ବେଶୀକାମ ହାତକୁ ନିଅନାହିଁ । ଲୋକେ କାମପାଖକୁ ଯିବାକଥା , କାମ ଲୋକ ପାଖକୁ ନୁହେଁ ।' ସେହିପରି ୧୪ ନଭେମ୍ବର ୧୮୬୫ ମସିହାରେ ଓଲଟା ବାର୍ଲୋଙ୍କୁ ହେୟମନେକରି ଚିଠି ଲେଖି ନିର୍ଦ୍ଦେଶ ଦେଲେ ରେଭେନ୍ସା - ' ଲୋକମାନେ ଅନ୍ୟତ୍ର ଚାଲିଯାଆନ୍ତୁ ଏବଂ ବୁଢା ଓ ଅକର୍ମଣ୍ୟ ଲୋକକୁ ସାହାଯ୍ୟ ନ କରିବାକୁ ।' ଏପରି ଚିଠିରେ ଲେଖି ନିଷ୍ଠୁର ନିର୍ଦ୍ଦେଶ ଦେଇଥିବା କଥାଟି ଶୁଣିଲେ ଜଣେ ଓଡ଼ିଆର ହୃଦୟ ଥରି ଉଠିବ ନିଶ୍ଚୟ । ବ୍ୟାସକବି ଫକୀରମୋହନ ରେଭେନ୍ସାଙ୍କର ଗୁଣଗାନ କରିବା କଥାଟି ଅତିରଞ୍ଜିତ ପରି ମନେହୁଏ । କିନ୍ତୁ ସେସମୟର ପରିସ୍ଥିତି ଓ ପରିମାପକୁ ଲକ୍ଷ୍ୟ କରି ସେପରି କରିବାକୁ ସକଳେ ବାଧ୍ୟହେବା ସାଧାରଣ କଥା । ସେଯାହାହେଉ ଫକୀରମୋହନ ଥିଲେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଅଗ୍ରସାରଥୀ ଓ ଭାଷା ପ୍ରାଣ । ସେ ଥିଲେ ଭାଷା ଭାରତୀଙ୍କର ବରପୁତ୍ର । ତାଙ୍କରି ଯୋଗୁଁ ଏଜାତି ଆଜି ନିଜକୁ ଓଡ଼ିଆ ବୋଲି ଗର୍ବକରୁଛି । ଫକୀର ମୋହନ ରେଭେନ୍ସାକୁ ପ୍ରଶଂସା କରିବାର କାରଣ ଥାଇପାରେ । ସେ ଅଯଥାରେ ପ୍ରଶଂସା କରିବାର ଲୋକ ନ ଥିଲେ । ସେହି ଘଡିସନ୍ଧି ମୂହୁର୍ତ୍ତରେ ଜାତିପାଇଁ ମାଟିପାଇଁ କଳବଳ ଓ କୌଶଳ ବ୍ୟବହାର କରିବାକୁ ପଡୁଥିଲା । ସାଧାରଣତଃ ସେହି ସମୟରେ ସାହେବଙ୍କ ଦସ୍ତଖତ ମଞ୍ଜୁର ପାଇଁ କେତେକଣ ତରିକା ପ୍ରଦର୍ଶନ କରିବାକୁ ପଡିଥିବ ନିଶ୍ଚୟ ! ଫକୀରମୋହନ ଗୌରୀଶଙ୍କର ପ୍ରମୁଖ ବ୍ୟକ୍ତି ସେ ତରିକାରେ ରେଭେନ୍ସା ସାହେବଙ୍କୁ ମନାଇଥିଲେ ।

ଏଥକୁ ଶିକ୍ଷାକଥା ବିଚାର କରିବା । ସମଗ୍ର ଓଡିଶାରେ ୯୯ଭାଗ ଲୋକ ଓଡ଼ିଆରେ କଥା ହେଉଥିଲେ ଓ ପାଠପଢୁଥିବାବେଳେ ମଧ୍ୟ । ରେଭେନ୍ସା ସାଇବ ଓଡିଶାର ମୁଖ୍ୟ ପ୍ରଶାସକ ହୋଇ ଆସିବା ପରେ ଓଡିଆ ଭାଷା ପ୍ରତି ବିପଦ ସୃଷ୍ଟି ହେବାରୁ ଫକୀରମୋହନ, ଗୌରୀଶଙ୍କର, ବିଚିତ୍ରାନନ୍ଦ ଆଦି ବହୁ ନେତା ଏହାର ଦୃଢ ବିରୋଧ କରି ଓଡିଆ ଭାଷାକୁ ସୁରକ୍ଷା ଦେଲେ । ଦୁଃଖର ବିଷୟ , ରେଭେନ୍ସା ସାଇବ ବ୍ରିଟିଶ ସଂସଦକୁ ଚିଠି ଲେଖିଥିଲେ ଯେ 'ଓଡ଼ିଆ ଏକ ଭାଷା ନୁହେଁ ଓ ଏହି ଭାଷାରେ ପାଠ ପଢ଼ାଯିବା ଉଚିତ ନୁହଁ ବୋଲି ।' କିନ୍ତୁ ଏଥିରେ ଥିଲା ବଙ୍ଗାଳୀ ଅମଲାମାନଙ୍କର ଲମ୍ବାହାତ । କାରଣ ଏମାନେ ବ୍ରିଟିଶ ଶାସନ କଳରେ ଚାକିରୀ କରନ୍ତି । ଓଡ଼ିଆ ବିରୋଧୀ ବଙ୍ଗୀୟ ଲୋକମାନେ ମଧ୍ୟ ସମ ନାରା ଦେଉଥିଲେ ଯେ - 'ଓଡିଆ ଏକ ଭାଷା ନୟେ, ଓଡିଆ ଏକ ଜାତି ନୟେ ।' ଏହି ଷଡ଼ଯନ୍ତ୍ରରେ ରେଭେନ୍ସା ସାଇବ ସାମିଲ ହୋଇ ଓଡିଶାରେ ଓଡ଼ିଆ ଭାଷାରେ ପାଠପଢା ବନ୍ଦ କରି ବଙ୍ଗଳା ଭାଷାରେ ପାଠପଢ଼ା ଆରମ୍ଭ କରାଇଲେ । ଓଡିଆ ଭାଷାକୁ ପୁର୍ନଜୀବନ ଦେବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବିମ୍ସଙ୍କ ସହାୟତା ନେଇଥିଲେ ଫକୀରମୋହନ । ସେ ବିମ୍ସଙ୍କ ଦ୍ୱାରା ରେଭେନ୍ସାଙ୍କ ସଂପର୍କରେ ଆସିଥିଲେ । ୧୮୩୫ ଜୁଲାଇ ମାସ ତିନି ତାରିଖରେ ଲାଗୁ ହୋଇଥିବା ମାକଲେ ଶିକ୍ଷା ନିୟମ ଅନୁଯାୟୀ ହାର୍ଡିଞ୍ଜ ସ୍କୁଲ ବା ଭାଷା ବିଦ୍ୟାଳୟ (ବର୍ତ୍ତମାନର ଓଡିଆ ମାଧ୍ୟମ ସ୍କୁଲ) ସାରା ଭାରତବର୍ଷରେ ସ୍ଥାପନ କରାଗଲା । ୧୮୩୫ରୁ ୧୮୭୦ ମସିହା ପର୍ଯ୍ୟନ୍ତ ଓଡିଶାରେ ୧୪ଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ୮୬ଟି ଭାଷା ବିଦ୍ୟାଳୟ ସ୍ଥାପିତ ହୋଇ ସାରିଥିଲା । ମାତ୍ର ୩୦ବର୍ଷ ଭିତରେ ଏତେ ସଂଖ୍ୟକ ଆଧୁନିକ ସ୍କୁଲ ବେସରକାରୀ ଉଦ୍ୟମରେ ସ୍ଥାପିତ ହେବା ଘଟଣା ଓଡିଶାର ଉନ୍ନତ ଶିକ୍ଷାବ୍ୟବସ୍ଥାକୁ ପ୍ରମାଣିତ କରେ । ୧୮୪୧ରେ ସ୍ଥାପିତ କଟକ ଜିଲ୍ଲା ସ୍କୁଲରୁ ବିଚିତ୍ରାନନ୍ଦ ଦାସ, ମଧୁବାବୁଙ୍କ ଭଳି ବହୁ ଓଡ଼ିଆପିଲା ପାଠ ପଢି କିରାଣୀ ହେଉଥିଲେ । ତେଣୁ ଚାକିରି ବଦଳରେ ଓଡ଼ିଆମାନେ ବ୍ୟବସାୟକୁ ଗୁରୁତ୍ୱ ଦେଉଥିବାରୁ ଆଧୁନିକ ସ୍କୁଲରେ ଓଡିଆ ଅପେକ୍ଷା ବଙ୍ଗାଳୀପିଲା ବେଶୀ ପଢୁଥିଲେ । କଲିକତାରୁ ଓଡ଼ିଶାର ଶାସନ ଏବଂ ଓଡ଼ିଶାର ଜମିଦାରୀ ବଙ୍ଗାଳୀ ହାତରେ ରହିବାଦ୍ୱାରା ସ୍କୁଲ ଶିକ୍ଷାରେ ବଙ୍ଗାଳୀ ଆଧିପତ୍ୟ ରହିଲା । କିନ୍ତୁ ଓଡ଼ିଆମାନେ ଶିକ୍ଷା ଶତପ୍ରତିଶତ ସଚେତନ ଥିବାରୁ ଓଡ଼ିଆମାନେ ନିଜର ଅସ୍ମିତାକୁ ବଜାୟ ରଖିଲେ । ତେଣୁ କଟକ କଲେଜିଏଟ ସ୍କୁଲ ଓ କଟକ କଲେଜ ଏବଂ କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ନିର୍ମାଣରେ ବିଚିତ୍ରାନନ୍ଦଙ୍କ ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ । ଓଡିଶାର ସର୍ବପ୍ରାଚୀନ ଆଧୁନିକ ଶିକ୍ଷାନୁଷ୍ଠାନ ହେଉଛି କଟକ କଲେଜ । ପରେ କଲେଜର ନାମ ବଦଳି ଓଡ଼ିଶା କଲେଜ ହେଲା । ଆଦିନେତା ବିଚିତ୍ରାନନ୍ଦ ଦାସ ଓଡିଶାରେ କଲେଜ ପ୍ରତିଷ୍ଠାପାଇଁ କଟକର ବୁଦ୍ଧିଜୀବୀମାନଙ୍କୁ ନେଇ ଆଲୋଚନା କରିବା ସହିତ ବଙ୍ଗ ସରକାରଙ୍କୁ ଦାବିପତ୍ର ପ୍ରଦାନ କଲେ । ତାଙ୍କରି ଉଦ୍ୟମରେ ୧୮୪୧ରେ ସ୍ଥାପିତ କଟକ ଜିଲ୍ଲା ସ୍କୁଲକୁ ୧୮୬୩ରେ ଦ୍ୱିତୀୟ ଶ୍ରେଣୀ କଲେଜ ବା କଲେଜିଏଟ ସ୍କୁଲରେ ପରିଣତ କରାଗଲା ।୧୮୭୨ରେ ବିଚିତ୍ରାନନ୍ଦ ମେଳବର୍ଦ୍ଧନୀ ସମାରୋହ ଗଠନ କରି ଓଡିଶାରେ ପୂର୍ଣ୍ଣାଙ୍ଗ ଡିଗ୍ରୀ କଲେଜ ସ୍ଥାପନପାଇଁ ବିଭିନ୍ନ ସଭାସମିତି ମାଧ୍ୟମରେ ଦାବି କରିବା ସହିତ ୧୮୭୫ରେ ଓଡିଶା ଆସିଥିବା ଛୋଟଲାଟ ରିଚାର୍ଡ ଟେମ୍ପଲକୁ ସ୍ମାରକପତ୍ର ପ୍ରଦାନ କଲେ । ଏହି ଦାବିକୁ ବିଚାର କରି ଜନସାଧାରଣଙ୍କ ଦାନରେ କଲେଜ ଖୋଲିବାପାଇଁ ଅନୁମତି ଦେବାକୁ ରେଭେନ୍ସାଙ୍କୁ ସେ ନିର୍ଦ୍ଦେଶ ଦେଲେ । ବିଚିତ୍ରାନନ୍ଦ ଏହି ଅର୍ଥ ବିଭିନ୍ନ ସୂତ୍ରରୁ ସଂଗ୍ରହ କରି ଦେବାପରେ ଓଡିଶା କଲେଜ ସ୍ଥାପନ ହେଲା । ଏଥିରେ ମୁଖ୍ୟ ପ୍ରଶାସକ ଭାବରେ ଚିଠିଲେଖା ବା ଅନୁମତି ଦେଲେ ରେଭେନ୍ସା । ମୟୁରଭଞ୍ଜର ରାଜା ଗଜପରି କୃଷ୍ଣଚନ୍ଦ୍ର ସିଂହ ଦେଓଙ୍କ ପରାମର୍ଶ କ୍ରମେ ୧୮୮୦ରେ ଏହାର ନାମ ପରିବର୍ତ୍ତନ କରି ରେଭେନ୍ସା କଲେଜ ରଖାଯାଇଥିଲା । ଅବଶ୍ୟ ଏଥିପାଇଁ ମୟୂରଭଞ୍ଜ ରାଜା କୋଡ଼ିଏ ହଜାର ଟଙ୍କା ଦାନକରି ଓଡ଼ିଶାର ଶିକ୍ଷାର ପ୍ରଗତିରେ ସହାୟ ହୋଇଥିଲେ । ନେତା ବିଚିତ୍ରାନନ୍ଦ ଦାସ ସଭାପତି ଓ ଅବିନାଶ ଚଟ୍ଟୋପାଧ୍ୟାୟ ସମ୍ପାଦକ ଥିବା କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ୧୮୬୮ରେ ପ୍ରତିଷ୍ଠା କରାଯାଇଥିଲା । ଏହା ବହୁ ଦିନ ପରେ ଏହା ରେଭେନ୍ସା ବାଳିକା ବିଦ୍ୟାଳୟ ନାମରେ ନାମିତ ହେଲା । ୨୦୦୬ ମସିହାରେ ରେଭେନ୍ସା କଲେଜ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପରିଣତ କଲେ ତତ୍କାଳୀନ ରାଜ୍ୟସରକାର । ଅବଶ୍ୟ ନାମ ପରିବର୍ତ୍ତନ ଘଟଣାଟା କିଛି ନୂଆକଥା ନୁହେଁ । ଯଦି ଆବଶ୍ୟକ ହେଉଛି ନାମ ପରିବର୍ତ୍ତନ କରାଯାଉ ସେଥିପାଇଁ କୌଣସି ଆପତ୍ତି ଉଠାଇବା ଅନୁଚିତ୍ । ଭୂମିପୁତ୍ର ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକ (ବିଜୁବାବୁ) ମଧ୍ୟ ରେଭେନ୍ସା କଲେଜର ନାମ ବଦଳିଇବା ପ୍ରସଙ୍ଗ ଉଠାଇଥିଲେ । ସେତେବେଳେ ଆମ ଲୋକମାନେ ମଧ୍ୟ ରେଭେନ୍ସା ପ୍ରୀତି ଛାଡି ନ ଥିଲେ । ସେଯାହାହେଉ ଆମକୁ ଆହୁରି ବିଚାରବିମର୍ଶ କରି ବାସ୍ତବ ନିର୍ଣ୍ଣୟ ନେବାକୁ ହେବ ।

*ସମ୍ପାଦକ, ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ, ସତ୍ୟବାଦୀ, ପୁରୀ*
*ଦୂରଭାଷ -୮୫୯୯୮୩୮୫୯୭*

# ଅର୍ଥ ମନ୍ତ୍ରୀଙ୍କ ନାଁରେ ରୁଜୁ ହେବ ମାମଲା, କୋର୍ଟ ଦେଲେ ଆଦେଶ

ନୂଆଦିଲ୍ଲୀ : ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନାଁରେ ରୁଜୁ ହେବ ମାମଲା। ଏଥିନିମନ୍ତେ ବାଙ୍ଗାଲୁରର ଏକ କୋର୍ଟ ଦେଇଛନ୍ତି ଆଦେଶ । ନିର୍ବାଚନୀ ବଣ୍ଡ ଜରିଆରେ ଜୋରଜବରଦସ୍ତି ଭାବେ ଚାନ୍ଦା ଆଦାୟ ଅଭିଯୋଗରେ ଏହି ମାମଲା ରୁଜୁ ହେବ। ଜନାଧିକାର ସଂଘର୍ଷ ସଙ୍ଗଠନ ପକ୍ଷରୁ ଏନେଇ ସୀତାରମଣ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାପରେ ବାଙ୍ଗାଲୁରସ୍ଥିତ ଜନପ୍ରତିନିଧିର ବିଶେଷ ଅଦାଲତ ସୀତାରମଣଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତିଳକ ନଗର ପୁଲିସ୍ ଏବେ ସୀତାରମଣ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିବ । ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ। କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ। ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲା। ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା



କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ। ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ। କିନ୍ତୁ ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ? କରୁଥିବା ଅଭିଯୋଗ ହୋଇ ଆସୁଥିଲା । ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କଠାରୁ ଚାନ୍ଦା ନେଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଥିଲା ।

# ରାସ୍ତା ଉପରେ ତୋରଣ ନିର୍ମାଣ ମନା : ହାଇକୋର୍ଟ

କଟକ, : ଶାରଦୀୟ ଦୁର୍ଗାପୂଜା ସମୟ ଯେତିକି ପାଖେଇ ଆସୁଛି, ପୂଜା ଆୟୋଜକ କମିଟି, ପ୍ରଶାସନ ଓ ସରକାରଙ୍କ ଚିନ୍ତା ସେତିକି ବଢୁଛି। ଶାନ୍ତି ଶୃଙ୍ଖଳାର ସହିତ ମା'ଙ୍କ ପୂଜା ଆୟୋଜନ ପାଇଁ ସବୁସ୍ତରରେ ଉଦ୍ୟମ ହେଉଛି। ଗୋଟିଏ ସପ୍ତାହ ପରେ ନବରାତ୍ରୀ ଆରମ୍ଭ ହୋଇଯିବ। ସେଥିପାଇଁ ସାଜସଜ୍ଜା କାମ ଜୋରସୋରରେ ଚାଲିଥିବା ବେଳେ ଓଡ଼ିଶା ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗାପୂଜା ପାଇଁ ରାସ୍ତା ଉପରେ ତୋରଣ ନିର୍ମାଣ କରାଯାଇପାରବ ନାହିଁ। ଏନେଇ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଇକୋର୍ଟ କହିଛନ୍ତି, ଆସନ୍ତା ୫ ତାରିଖ ସୁଦ୍ଧା ସମସ୍ତ ରାସ୍ତା ମରାମତି କାମ ସରିବ। ପୂର୍ତ୍ତ ବିଭାଗ ସଚିବ ହାଇକୋର୍ଟଙ୍କୁ ଏନେଇ ଅବଗତ କରିଛନ୍ତି। ଆଭାଷୀ ଜରିଆରେ ପୂର୍ତ୍ତ ସଚିବ ହାଜର ହୋଇଥିଲେ। ତେବେ କଟକ ସହରର ଏକାଧିକ ସମସ୍ୟାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାସ୍ତାର




ଦୁରବସ୍ଥାକୁ ନେଇ କଟମ ମହାନଗର ନିଗମ (ସିଏମ୍‌ସି)କୁ ଭର୍ତ୍ସନା କରିଛନ୍ତି। ଦୁର୍ଗାପୂଜା ପାଇଁ କମିସନରେଟ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ପୁଲିସ କମିସନର ସଂଜୀବ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏଥର ଦୁର୍ଗାପୂଜାରେ ଡିଜେକୁ ବାରଣ କରାଯାଇଛି। ଡିଜେ, ମଦ ଓ ପ୍ଲାଷ୍ଟିକ୍ ମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ ଦିଆଯାଇଛି। ତା ସହିତ ପୂଜା କମିଟି ମଧ୍ୟ ବଟି ମାଗିଲେ ସଂପୃକ୍ତ ବ୍ୟକ୍ତି ବନ୍ଧା ହେବେ। ପୂଜା ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ ରାତି ୧୨ଟା ଯାଏଁ ଚାଲିପାରିବ। କିନ୍ତୁ ରାବଣ ପୋଡିରେ ବାଣ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି।

# ଦିଲ୍ଲୀ ପ୍ରଦୂଷଣ ନେଇ ବାୟୁ ମାନ କମିଟିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ: ଦିଲ୍ଲୀରେ ବାୟୁ ପ୍ରଦୂଷଣ ପାଇଁ ଆଜି ସୁପ୍ରିମକୋର୍ଟ କେନ୍ଦ୍ର ବାୟୁ ମାନ କମିଟିକୁ କଡ଼ା ସମାଲୋଚନା କରିଛନ୍ତି। ଉତ୍ତର ଭାରତୀୟ ରାଜ୍ୟରେ ନଡ଼ାପାଳ ଜଳିବା ଘଟଣା ଯୋଗୁଁ ଦିଲ୍ଲୀରେ ବାୟୁପ୍ରଦୂଷଣ ବଢୁଥିଲେ ମଧ୍ୟ ସ୍ଥାନୀୟ ଅଧିକାରୀ କିଛି କାର୍ଯ୍ୟପନ୍ଥା ଗ୍ରହଣ କରୁନାହାନ୍ତି ଏବଂ କମିଟି ଏ କ୍ଷେତ୍ରରେ ନିଷ୍କ୍ରିୟ ରହିଛି। ଏହି କାରଣ ପାଇଁ ସୁପ୍ରିମକୋର୍ଟ ଆଜି କେନ୍ଦ୍ର ବାୟୁ ମାନ କମିଟି ଉପରେ ବର୍ଷିଛନ୍ତି। ସିଏକ୍ୟୁଏମ୍ (କମିସନ୍ ? ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ୍ ?) କମିସନରଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି କୋର୍ଟ କହିଛନ୍ତି ନଡ଼ାପାଳ ଜାଳିବା ନିୟନ୍ତ୍ରଣ କରିବାକୁ ଗୋଟିଏ ବି କମିଟି ଗଠନ ହୋଇନାହିଁ। ପ୍ରତିବର୍ଷ ଆମେ ନଡ଼ାପାଳ ଜାଳିବା ଦେଖୁଛୁ। ସିଏକ୍ୟୁଏମ୍ ଆଇନର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରାଯାଉଛି। କମିଟି ଯଦି ଗଠନ ହୋଇଛି ତା'ହେଲେ ଏଯାବତ ଏଦିଗରେ କେଉଁ ପଦକ୍ଷେପ ଗ୍ରହଣ ହୋଇଛି ତାହା ଜଣାଅ ବୋଲି କୋର୍ଟ କହିଛନ୍ତି। ଆଇନ ଅଧୀନରେ



ଆପଣମାନେ କେଉଁ ନିର୍ଦ୍ଦେଶ ପାଳନ କରୁଛନ୍ତି। ଆପଣମାନେ କେବଳ ନିରବଦ୍ରଷ୍ଟା ସାଜିଛନ୍ତି। ଆପଣମାନେ କିଛି କରୁନାହାନ୍ତି। ସବୁକିଛି କେବଳ ପବନରେ ଚାଲିଛି ବୋଲି ଖଣ୍ଡପୀଠ ମନ୍ତବ୍ୟ ଦେଇଛନ୍ତି। ବାୟୁ ମାନ କମିଟି ଅଧ୍ୟକ୍ଷ କହିଛନ୍ତି, ପ୍ରତି ୩ ମାସରେ ଥରେ ୩ଟି ସବ୍ ?କମିଟି ଗୋଟିଏ ବେ ?ଠକ କରୁଛନ୍ତି। ଏହାର ଉତ୍ତରରେ କୋର୍ଟ କହିଥିଲେ, ୩ ମାସରେ ଗୋଟିଏ ବେ ?ଠକ କରି ସେମାନେ ସବୁ କାର୍ଯ୍ୟ କିଭଳି ସମ୍ପାଦନ କରୁଛନ୍ତି ? ନଡ଼ାପାଳ ଜାଳିବା ରୋକିବାପାଇଁ କୋଟି କୋଟି ଟଙ୍କାର ଉପକରଣ ଦିଆଯାଇଛି। ଏହାର ସ୍ଥିତି କ'ଣ ବୋଲି କମିଟି ପ୍ରଶ୍ନ କରିଛନ୍ତି।

# ରାଜ୍ୟ ସରକାର, ଇଡକୋ, ନାଲକୋଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ: ଅନୁଗୁଳ ଜିଲ୍ଲା ବଆଁରପାଳ ତହସିଲ ଅନ୍ତର୍ଗତ ଗୋଳବନ୍ଧ ମୌଜାରେ ନାଲକୋ ରେଳବାଇ ସାଇଡିଂ ପାଇଁ ବେଆଇନ ଭାବେ ଚାଷଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି ଦର୍ଶାଇ ଦାୟର ମାମଲାର ହାଇକୋର୍ଟ ଶୁଣାଣି କରି ରାଜ୍ୟ ସରକାର, ଇଡକୋ, ନାଲକୋ ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ମାମଲାରେ ଜବାବ ରଖିବାକୁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନରେନ୍ଦ୍ର କୁମାର ବିଶ୍ୱାଳ ଓ ଅନ୍ୟ ମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅକ୍ଟୋବର ଶେଷ ସପ୍ତାହରେ ମାମଲାର



ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ ଯେ ଗେଜେଟ ବିଜ୍ଞପ୍ତି ପ୍ରକାଶ ନକରି ଇଡକୋ ପକ୍ଷରୁ ଆବେଦନକାରୀଙ୍କ ଚାଷ ଜମି ଅଧିଗ୍ରହଣ ଓ ସୀମା ନିର୍ଦ୍ଧାରଣ ନୋଟିସ୍ ଜାରି କରାଯାଇଥିବା ଅଭିଯୋଗ କରି ଏହି ମାମଲା ଦାୟର ହୋଇଛି। ଏପରି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ୨୦୦୬ରେ ଉପରୋକ୍ତ ଅଞ୍ଚଳରେ ଏକ ମାଇନିଂ କମ୍ପାନି ପ୍ରତିଷ୍ଠା ପାଇଁ ଗେଜେଟ ବିଜ୍ଞପ୍ତି ଜମି ଅଧିଗ୍ରହଣ ନେଇ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏଥିରେ ଅନ୍ୟ ଏକ କମ୍ପାନି ଯୋଡ଼ି ହୋଇଥିଲା। ନିୟମ ଅନୁପାଳନ କରାଯାଇ ନଥିବାରୁ ସେତେବେଳର ଜମିଅଧିଗ୍ରହଣ ପ୍ରକ୍ରିୟାକୁ ବେଆଇନ ବୋଲି ଦର୍ଶାଯାଇଥିଲା। ଦୀର୍ଘ ବର୍ଷ ପରେ ପୁନର୍ବାର ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନାଲକୋ ରେଳବାଇ ସାଇଡିଂ ପାଇଁ ଜମି ଅଧିଗ୍ରହଣ ନୋଟିସ ଦିଆଯାଇଛି। ଏହି ନୋଟିସ୍ ମଧ୍ୟ ଆଇନ ଉଲ୍ଲଂଘନ କରୁଛି ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଅଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process, D-3, Mancheswar Industrial Estate, Bhubaneswar, Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର